ବର୍ଷ-୨୬, ସଂଖ୍ୟା-୧୬୩
ଭୁବନେଶ୍ୱର
୧୯, ଜୁନ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 163
Bhubaneswar
19, June, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମନ୍ଧାନାଙ୍କ କ୍ରମାଗତ ଅର୍ଦ୍ଧଶତକ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ମୁକେଶ ମହାଲିଙ୍ଗ



ତେଲକୋଇ,୧୮।୬(ମହାଭାରତ): : ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ। ପାଇଲଟିଂ ଗାଡିକୁ ଧକ୍କା ଦେଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଡି। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନଂ ଜାତୀୟ ରାଜପଥରେ ଘଟିଛି ଦୁର୍ଘଟଣା କ୍ଷ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁରରୁ ମୟୁରଭଞ୍ଜ ଯାଉଥିଲେ। ଜଗମୋହନପୁର ଛକରେ ହମ୍ପସ ଥିବା ସ୍ଥାନରେ ଆଗରେ ଯାଉଥିବା ପାଇଲଟିଂ ଗାଡି ହଠାତ ବ୍ରେକ ମାରିବାରୁ ପଛରେ ଥିବା ମନ୍ତ୍ରୀଙ୍କ ଗାଡି ଯାଇ ଧକ୍କା ଦେଇଥିଲା କ୍ଷ ସୌଭାଗ୍ୟ ବଶତଃ ଗାଡିର ସୁରକ୍ଷା ବେଲୁନ ବାହାରି ଯିବାରୁ ମନ୍ତ୍ରୀ ସୁରକ୍ଷିତ ରହିଯାଇଥିଲେ କ୍ଷ ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ମୟୁରଭଞ୍ଜ ଶ୍ରୀ ମହାଲିଙ୍ଗ ଯାଇଥିଲେ ।

# ଆମେରିକା-ଇରାନ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୧୮।୬(ମହାଭାରତ): : ଆମେରିକା-ଇରାନ ମଧ୍ୟରେ ଯୁଦ୍ଧ ଶେଷ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ୧୪ ସୂତ୍ରୀ ବୁଝାମଣାପତ୍ର ସ୍ୱାକ୍ଷରିତ। ଉଭୟ ଦେଶର ରାଷ୍ଟ୍ରପତି ଡିଜିଟାଲ୍ ସ୍ୱାକ୍ଷର କରିଛନ୍ତି। ଯୁଦ୍ଧ ଶେଷ ଓ ହୋର୍ମୁଜ ପ୍ରଣାଳୀ ଖୋଲିବା ନେଇ ଏମଓୟୁ ହୋଇଛି। ଇରାନର ପରମାଣୁ ପରୀକ୍ଷଣ ଓ କ୍ରୟ ଉପରେ ରୋକ୍ ଲଗାଯାଇଛି।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତିଙ୍କ ମଧ୍ୟରେ ପ୍ୟାରିସରେ ପିସ୍ ଡିଲ୍ ସ୍ୱାକ୍ଷର ହୋଇଛି। ଫଳରେ ଦୁଇ ଦେଶ ମଧ୍ୟରେ ସାଢେ ୩ ମାସ ହେଲା ଚାଲିଥିବା ଯୁଦ୍ଧରେ ପୂର୍ଣ୍ଣଛେଦ ପଡିଛି। ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ଏବଂ ଇରାନ ଏକ ଅସ୍ଥାୟୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଜି ଭାରତୀୟ ସମୟ ସକାଳ ୫ଟାରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଡିଜିଟାଲ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ଟ୍ରମ୍ପ ପ୍ୟାରିସର ଭର୍ସାଲ୍ସ ପ୍ୟାଲେସରେ ଚୁକ୍ତିନାମା ସ୍ୱାକ୍ଷର କରୁଥିବାର ଦେଖାଯାଉଛି। ଆସନ୍ତାକାଲି ଜୁନ୍ ୧୯ ତାରିଖରେ ଜେନେଭା ନିକଟସ୍ଥ ଲୁସର୍ଣ୍ଣରେ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହେବାର ଥିଲା, କିନ୍ତୁ ଏହା ଗୋଟିଏ ଦିନ ପୂର୍ବରୁ ଫ୍ରାନ୍ସର ଐତିହାସିକ ଭର୍ସାଲ୍ସ ପ୍ୟାଲେସରେ ସ୍ୱାକ୍ଷରିତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ପ୍ୟାରିସ୍ ରେ ରାତ୍ରିଭୋଜନ ଶେଷ କରିବା ପରେ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ବିଦାୟ ନେବା ସମୟରେ ସେ ସାମ୍ବାଦିକମାନଙ୍କୁ କହିଥିଲେ,





'ଏହା ସ୍ୱାକ୍ଷରିତ ହୋଇସାରିଛି... ମୁଁ ଏହାକୁ ଭର୍ସାଇଠାରେ ସ୍ୱାକ୍ଷର କରିଛି।' ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କର ଏକ ନୂତନ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଆମେରିକା ଏବଂ ଇରାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର କରୁଥିବାର ଦେଖାଯାଉଛି। ଭିଡିଓରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଟ୍ରମ୍ପଙ୍କ ପଛରେ ଠିଆ ହୋଇଥିବାର ଦେଖାଯାଉଛି। ସିଏନଏନ ଅନୁସାରେ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦ୍ୱାରା ଆୟୋଜିତ ରାତ୍ରୀଭୋଜନରେ ଯୋଗ ଦେବା ପୂର୍ବରୁ ଟ୍ରମ୍ପ ଏହି ଦଲିଲରେ ସ୍ୱାକ୍ଷର କରିଛନ୍ତି। ଚୁକ୍ତିନାମାର ହାର୍ଡ କପିରେ ସ୍ୱାକ୍ଷର ହେବା ପରେ ଏହାର ଏକ ଫଟୋ ତୁରନ୍ତ ଇରାନ ଏବଂ ମଧ୍ୟସ୍ଥତା କରୁଥିବା ଦେଶଗୁଡ଼ିକୁ ପଠାଯାଇଛି, ଯାହା ଦ୍ୱାରା ଏହି ଚୁକ୍ତି ଆନୁଷ୍ଠାନିକ ଭାବେ ତୁରନ୍ତ କାର୍ଯ୍ୟକାରୀ ହୋଇପାରିବ। ଏହି ୧୪-ଦଫା ବିଶିଷ୍ଟ ବୁଝାମଣା ପତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଲେବାନନ୍ ସମେତ ସମସ୍ତ ସମ୍ମୁଖ ଭାଗରେ ତୁରନ୍ତ ଏବଂ ସ୍ଥାୟୀ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯିବ। ଆଗାମୀ ୬୦ ଦିନ ପାଇଁ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ଦେଇ ବାଣିଜ୍ୟିକ ଜାହାଜଗୁଡ଼ିକର ବିନା ଶୁଳ୍କରେ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବ। ଏହାର ପ୍ରତିବଦଳରେ ଆମେରିକା ୩୦ ଦିନ ମଧ୍ୟରେ ଇରାନ ବନ୍ଦରଗୁଡ଼ିକ ଉପରୁ ନିଜର ନୌସେନା ଅବରୋଧ ସମ୍ପୂର୍ଣ୍ଣ ଭାବେ ହଟାଇବ ଏବଂ ଇରାନକୁ ଅଶୋଧିତ ତୈଳ ରପ୍ତାନି ପାଇଁ ଅନୁମତି ଦେବ। ସ୍ଥାୟୀ ଚୁକ୍ତିନାମା ଓ ପରମାଣୁ କାର୍ଯ୍ୟକ୍ରମ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଦୁଇ ଦେଶକୁ ୬୦ ଦିନର ସମୟ ମିଳିଛି।

## ମସ୍କୋ ରିଫାଇନାରୀ ଧ୍ୱଂସ

### ୟୁକ୍ରେନର ସବୁଠାରୁ ବଡ଼ ଡ୍ରୋନ ଆଟାକରେ ଅଣନିଃଶ୍ୱାସୀ ରୁଷ

ମସ୍କୋ,୧୮।୬(ମହାଭାରତ): ରୁଷର ରାଜଧାନୀ ମସ୍କୋ ଉପରେ ସବୁଠାରୁ ବଡ ଡ୍ରୋନ୍ ଆଟାକ କରିଛି ୟୁକ୍ରେନ। ଘନଘନ ଡ୍ରୋନ ମାଡରେ ଧ୍ୱଂସ ହୋଇଯାଇଛି ମସ୍କୋ ତୈଳ ରିଫାଇନାରୀ। ପୂରା ଅଞ୍ଚଳ ନିଆଁ ଓ ଧୂଆଁରେ ଅଣନିଃଶ୍ୱାସୀ ହୋଇଯାଇଛି। ଗଲ ୨ ବର୍ଷ ଧରି ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ବେଳେ କିଭ କେବେ ବି ମସ୍କର ଉପରେ ଏତେ ବଡ ହମଲା କରି ନଥିଲା। ଆଜି ପ୍ରଥମଥର ୟୁକ୍ରେନ ଏତେ ବଡ ଆଟାକ କରି ରୁଷର ପ୍ରମୁଖ ରିଫାଇନାରୀକୁ ଧ୍ୱଂସ କରି ଦେଇଛି। ଗ୍ରାଜପ୍ରୋମ ନେଫ୍ଟ ମାଲିକାନାରେ ଥିବା ତୈଳ ରିଫାଇନାରୀଟି ମସ୍କର କାପ୍ଟୋନୟା ପ୍ରଶାସନିକ ଜିଲ୍ଲାରେ ରହିଛି। ଏହା କ୍ରେମଲିନ ଠାରୁ ମାତ୍ର ୧୫ କିମି ଦୂର। ରିଫାଇନାରୀ ଉପରେ ୭ଟି ଡ୍ରୋନ ମାଡ ହୋଇଛି। ଏଥିଯୋଗୁ ରିଫାଇନାରୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।ସେହିପରି ରିଫାଇନାରୀ ଓ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ଡ୍ରୋନ ଆଟାକର ଭିଡିଓ ବି ସାମ୍ନାକୁ ଆସିଛି। ଡ୍ରୋନ ଦ୍ୱାରା ୟୁକ୍ରେନ ଆକ୍ରମଣ କରିବାରୁ ମସ୍କୋ ଅନେକ କ୍ଷତି ସହିଥିବା ଜଣାପଡଛି। ଏହି ସାଂଘାତିକ ଆକ୍ରମଣ ରୁଷିଆର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ରଣନୈତିକ ତଥା ଶକ୍ତି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଚଳ କରିବା ପାଇଁ ୟୁକ୍ରେନର ଦୂରଗାମୀ ରଣନୀତିକୁ ପ୍ରମାଣିତ କରୁଛି। ମେୟର ସୋବ୍ୟାନିନ୍ ସୂଚନା ଦେଇଛନ୍ତି ଯେ, ସହର ଉପରେ ହୋଇଥିବା ଏହି ବଡ଼ ଆକ୍ରମଣକୁ ପ୍ରତିହତ କରିବା ପାଇଁ ରୁଷ ସେନା ଏବେ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ରକ୍ଷଣାତ୍ମକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ତେବେ ଏହି ଆକ୍ରମଣ ଯୋଗୁଁ ତୈଳ ବିଶୋଧନାଗାରର କେତେ ପରିମାଣର କ୍ଷତି ହୋଇଛି କିମ୍ବା ଏଥିରେ କେହି ମୃତାହତ ହୋଇଛନ୍ତି କି ନାହିଁ, ସେ ନେଇ ରୁଷ ପ୍ରଶାସନ ପକ୍ଷରୁ କୌଣସି ଆଧିକାରିକ ସୂଚନା ପ୍ରଦାନ କରାଯାଇ ନାହିଁ।

## ଆଜି ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୧୮।୬(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଅପରାହ୍ନରେ ରାଷ୍ଟ୍ରପତି ଓଡ଼ିଶାରେ ପହଞ୍ଚିବେ। କାଲି ଅପରାହ୍ନ ୩ଟା ୪୫ରେ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ସନ୍ଧ୍ୟାରେ ରାଇରଙ୍ଗପୁରରେ ଏମ୍ସ ସାଟେଲାଇଟ୍ ସେଣ୍ଟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୦ ତାରିଖ ସକାଳ ୧୦ଟାରେ ପାହାଡ଼ପୁର ଯିବାର କାର୍ଯ୍ୟକ୍ରମ ରହିଛି।

## କ୍ରସ ଭୋଟିଂ ଯୋଗୁ ରାଜ୍ୟସଭା ନିର୍ବାଚନ ହାରିଲା କଂଗ୍ରେସ

ନୂଆଦିଲ୍ଲୀ,୧୮।୬(ମହାଭାରତ): : ଝାରଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ। ବ୍ୟାପକ କ୍ରସ ଭୋଟିଂ ଯୋଗୁ ଗୋଟିଏ ରାଜ୍ୟସଭା ଆସନ ହରାଇଛି କଂଗ୍ରେସ। ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନାଥୱାନି ରାଜ୍ୟସଭା ନିର୍ବାଚନରେ ବାଜିମାତ କରିଛନ୍ତି। ସେ କଂଗ୍ରେସର ପ୍ରଣବ ଝାଙ୍କୁ ହରାଇ ଦେଇଛନ୍ତି।ଝାରଖଣ୍ଡର ଦୁଇଟି ରାଜ୍ୟସଭା ଆସନ

### ବାଜି ମାରିନେଲେ ଏନଡିଏ ସମର୍ଥିତ ପ୍ରାର୍ଥୀ

ପାଇଁ ଭୋଟିଂ ହୋଇଥିଲା। ଗୋଟିଏରେ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜିତିଥିବା ବେଳେ ଅନ୍ୟ ଆସନରେ କ୍ଷମତାସୀନ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର ପ୍ରାର୍ଥୀ ବୈଦନାଥ ରାମ ଜିତିଛନ୍ତି। ପରିମଳ ୨୮ ଖଣ୍ଡ ଭୋଟ ପାଇଥିବାରୁ ତାଙ୍କୁ ବିଜେତା ଘୋଷଣା କରାଯାଇଛି। ପ୍ରଣବ ଝା କେବଳ ୨୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟ ଆସନରେ ରାମକୁ ୩୦ ଜଣ ବିଧାୟକ ଭୋଟ ଦେଇଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବ୍ୟାପକ କ୍ରସ ଭୋଟିଂ ଦେଖିବାକୁ ମିଳିଛି। ସେହିପରି ୩ଟି ଭୋଟକୁ ନାକଚ କରାଯାଇଛି। ୨ ଜଣ ବିଜେପି ବିଧାୟକ ଓ ଜଣେ କଂଗ୍ରେସ ବିଧାୟକଙ୍କ ଭୋଟ ନାକଚ ହୋଇଥିବା ଜଣାପଡିଛି।

୮୧ ଆସନ ବିଶିଷ୍ଟ ଝାରଖଣ୍ଡ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ବିଧାୟକଙ୍କ ସଂଖ୍ୟା



୨୪। ଏହା ଗୋଟିଏ ରାଜ୍ୟସଭା ଆସନ ଦଖଲ କରିବା ଠାରୁ ୪ କମ। ସେହିପରି କ୍ଷମତାସୀନ ଜେଏମଏମ, କଂଗ୍ରେସ ଓ ସହଯୋଗୀଙ୍କ ପାଖରେ ୫୬ ଜଣ ବିଧାୟକ ରହିଛନ୍ତି। ଏହାର ଅର୍ଥ ଜେଏମଏମ ଓ କଂଗ୍ରେସ ଗୋଟିଏ ଲେଖାଏ ରାଜ୍ୟସଭା ଆସନ ଜିତିବେ ବୋଲି ସମସ୍ତେ ଆଶା କରିଥିଲେ।

କିନ୍ତୁ ପରିମଳଙ୍କ ସପକ୍ଷରେ କ୍ରସ ଭୋଟିଂ ହୋଇଛି। ଏଥିଯୋଗୁ ସେ ଦୁଇ ବିଜେପି ବିଧାୟକଙ୍କ ଭୋଟ ନାକଚ ହେବା ସତ୍ତ୍ୱେ ଆବଶ୍ୟକ ୨୮ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଧାନସଭାର ସମସ୍ତ ୮୧ ଜଣ ଭୋଟ ଦେଇଥିଲେ।

ଶେଷରେ ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସମସ୍ତଙ୍କୁ ଚକିତ କରି ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏହି ବିଜୟ ସହ ପରିମଳ ୪ର୍ଥ ଥର ପାଇଁ ରାଜ୍ୟସଭାକୁ ଯିବାକୁ ଯୋଗ୍ୟତା ହାସଲ କରିଛନ୍ତି।

୨୦୦୮ରୁ ୨୦୨୦ ଯାଏ ସେ ଝାରଖଣ୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ଯାଇଥିଲେ। ୨୦୨୦ରୁ ୨୦୨୬ ଯାଏ ସେ ଆନ୍ଧ୍ରରୁ ସଂସଦର ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ। ଏବେ ପୁଣି ସେ ସ୍ୱାଧୀନ ସାଂସଦ ଭାବେ ରାଜ୍ୟସଭାକୁ ଯାଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଆଜିର ବିଜୟ ପରେ ସେ ଝାରଖଣ୍ଡକୁ ନିଜର କର୍ମଭୂମି ବୋଲି କହି ତାଙ୍କୁ ସମର୍ଥନ କରିଥିବା ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ନେତାମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

## ଡାକ୍ତର ମାନଙ୍କର ଦୀର୍ଘକାଳୀନ ଅନୁପସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ



### ୧୨୮ ଜଣ ମେଡିକାଲ ଅଫିସରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬(ମହାଭାରତ): ଦୀର୍ଘଦିନ ଧରି ଡାକ୍ତରଖାନା ନଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତର ମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ୍ୟ ଦିଆଯାଇଥିଲା। ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ସେ ତାହାର ଅନୁପାଳନ କରିନଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି, ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୧୫୭୯୩ଟି ଡାକ୍ତର ପଦବୀ ରହିଛି, ସେଥିରେ ୮୭୯୩ଟି ନିୟମିତ ଡ୍ୟୁଟି ପଦବୀ ଓ ୭ହଜାର ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର (ଏଲଟିଆରଏମଓ) ପଦବୀ ସାମିଲ ଅଛି। ଏବେ ଏହି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୯୮୨୬ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୫୯୬୭ଟି ପଦବୀ ସମ୍ପୂର୍ଣ୍ଣ ଖାଲି ପଡିଛି। ଅର୍ଥାତ୍ ରାଜ୍ୟରେ ପ୍ରାୟ ୩୦ ପ୍ରତିଶତ ଡାକ୍ତର ପଦବୀ ଏବେସୁଦ୍ଧା ପୂରଣ ନହୋଇ ପଡିରହିଛି।


ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ଓଡିଶାରେ ପ୍ରତି ୧୦୦୦ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବାବେଳେ ଏବେ ରାଜ୍ୟରେ ପ୍ରତି ୧୨୬୫ ଜଣଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଉପଲବ୍ଧ ଅଛନ୍ତି । ଏଭଳି ସ୍ଥିତିରେ ଚାକିରି ପାଇ ମଧ୍ୟ ସରକାରୀ ବ୍ୟବସ୍ଥାକୁ ପ୍ରତାରିତ କରି ବାହାରେ ରହୁଥିବା କିମ୍ବା ଘରୋଇ କ୍ଲିନିକରେ କାମ କରୁଥିବା ଡାକ୍ତରଙ୍କ ଯୋଗୁଁ ଗ୍ରାମାଂଚଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଏହି ଡାକ୍ତର ବା ମେଡିକାଲ ଅଫିସରମାନେ ନିଜ ସ୍ଥିତି ସ୍ପଷ୍ଟ ନକରିବା ଓ କାର୍ଯ୍ୟରେ ଦୀର୍ଘବର୍ଷ ଧରି ଅନୁପସ୍ଥିତ ରହିବା ଯୋଗୁଁ ସରକାରୀ ନିୟମ ଅନୁସାରେ ସେହି ପଦବୀଗୁଡିକୁ ଶୂନ୍ୟ ଘୋଷଣା କରାଯାଇପାରୁ ନାହିଁ, ଯାହାଫଳରେ ନୂତନ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ଏହି ସମସ୍ୟା ଦୂର କରିବା ପାଇଁ ୧୨୮ ଜଣ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ମମତାଙ୍କ ଗୋଷ୍ଠୀକୁ ହାଇକୋର୍ଟରୁ ବଡ଼ ଝଟକା

କୋଲକାତା,୧୮।୮: ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ନିଯୁକ୍ତି ମାମଲାରେ କୋଲକାତା ହାଇକୋର୍ଟ କୌଣସି ବି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଚସ୍ପତି (ସ୍ପିକର)ଙ୍କ ନିଷ୍ପତ୍ତି ବଳବତ୍ତର ରହିବ। ତୃଣମୂଳ କଂଗ୍ରେସ (ଟିଏମସି) ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ, ବିରୋଧୀ ଦଳ ନେତା ଭାବେ ଟିଏମସିର ବିଦ୍ରୋହୀ ବିଧାୟକ ରତବ୍ରତ ବାନାର୍ଜୀଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି।ଟିଏମସି ପକ୍ଷରୁ ବିରୋଧୀ ଦଳ ନେତା ପଦ ପାଇଁ ଦୁଇଟି ନାମ ପଠାଯାଇଥିଲା। ଟିଏମସି ନେତୃତ୍ୱ ଗୋଷ୍ଠୀ ପକ୍ଷରୁ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମ ପ୍ରସ୍ତାବ କରାଯାଇଥିବା ବେଳେ, ଦଳର ବିଦ୍ରୋହୀ ବିଧାୟକ ଗୋଷ୍ଠୀ ରତବ୍ରତ ବାନାର୍ଜୀଙ୍କ ନାମ ପଠାଇଥିଲେ। ଏହାକୁ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବସୁ ଗ୍ରହଣ କରିବା ସହ ତାଙ୍କୁ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ।କୋଲକାତା ହାଇକୋର୍ଟ ଗୁରୁବାର ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଆବେଦନ ଉପରେ ଶୁଣାଣି କରି କହିଛନ୍ତି ଯେ, ସେ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଜାରି କରୁନାହାନ୍ତି। ଜଷ୍ଟିସ କୃଷ୍ଣ ରାଓ ସବୁ ପକ୍ଷଙ୍କୁ ବିରୋଧରେ ସତ୍ୟପାଠ ଦାଖଲ କରିବାକୁ ଏବଂ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ ରେ ହେବ।

## ଗୃହ ବିଭାଗର ଓଏସ୍‌ଡି ଦୟାଲ ଗଙ୍ଗୱାର ନିଲମ୍ବିତ

ଭୁବନେଶ୍ୱର,୧୮।୬(ମହାଭାରତ): ରାଜ୍ୟ ପ୍ରଶାସନରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗୃହ ବିଭାଗର ଓଏସଡି ଥିବା ବରିଷ୍ଠ ଆଇପିଏସ ଅଫିସର ଦୟାଲ ଗଙ୍ଗୱାରଙ୍କୁ ସରକାର ନିଲମ୍ବିତ କରିଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ଜିଆରପି (ଜିଆରପି) କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ମାମଲାକୁ ନେଇ



ଦୟାଲ ଗଙ୍ଗୱାର ବିବାଦ ଘେରକୁ ଆସିଥିଲେ। କନେଷ୍ଟବଲଙ୍କ ପରିବାର ଲୋକେ ଶ୍ରୀ ଗଙ୍ଗୱାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ସୌମ୍ୟରଞ୍ଜନଙ୍କୁ ସରକାରୀ କାର୍ଯ୍ୟ ବ୍ୟତୀତ ନିଜର ବ୍ୟକ୍ତିଗତ କାମରେ ଖଟାଇବା ଏବଂ ମାନସିକ ନିର୍ଯାତନା ଦେବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା । ଏହି ବିବାଦ ପରେ ପୂର୍ବରୁ ତାଙ୍କୁ ଏଡିଜି କମ୍ୟୁନିକେସନ ପଦବୀରୁ ବଦଳି କରାଯାଇ ଗୃହ ବିଭାଗର ଓଏସଡି କରାଯାଇଥିଲା । ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସିଧାସଳଖ ନିଲମ୍ବନ ଆଦେଶ ଦେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପରେ ପ୍ରଶାସନିକ ସ୍ତରରେ ହଲଚଲ ସୃଷ୍ଟି ହୋଇଛି ।

## ଆଉ ୨ ଜିଲ୍ଲାରେ ବଦଳିଲା ସ୍କୁଲ ସମୟ

ଭୁବନେଶ୍ୱର,୧୮।୬(ମହାଭାରତ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ଏହି ଦୁଇ ଜିଲ୍ଲାରେ ସମସ୍ତ ସ୍କୁଲ ସକାଳୁଆ ହେବ। ସକାଳ ସା ୬ରୁ ସା ୧୦ଟା ପର୍ଯ୍ୟନ୍ତ ଚାଲିବ ସ୍କୁଲ। ଉଭୟ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ପାଇଁ ସଂପୃକ୍ତ ଜିଲ୍ଲା ପ୍ରଶାସନମାନଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସମାନ ନିର୍ଦ୍ଦେଶ ଜାରି କରିଥିଲେ। ଆସନ୍ତାକାଲି (ଜୁନ୍ ୧୯) ଠାରୁ ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ସକାଳୁଆ ସ୍କୁଲ ହେବ। ସକାଳ ସା ୬ଟାରୁ ସ୍କୁଲ ଖୋଲିବ ଓ ସା ୧୦ଟାରେ ବନ୍ଦ ହେବ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡିକ ସକାଳୁଆ ହେବ। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷା ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ହିଟ୍‌ୱେଭ୍ ମୁକାବିଲା ନେଇ ସମସ୍ତ ପ୍ରସ୍ତୁତି ସହିତ ପରୀକ୍ଷା କରିବାକୁ ସ୍କୁଲଗୁଡିକ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଯେଉଁ ଶିକ୍ଷକମାନଙ୍କର ଝଓଜ ଡ୍ୟୁଟୀ ପଡିଛି, ସେମାନେ ପୂର୍ବ ଧାର୍ଯ୍ୟ ସମୟ ଅନୁସାରେ ସେହି କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଖରାଛୁଟି ଅବଧିକୁ ଜୁନ୍ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶିଶୁ ବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ସୁବର୍ଣ୍ଣପୁର, ଅନୁଗୋଳ, ଗଞ୍ଜାମ ଓ ଦେବଗଡ ଭଳି କିଛି ଜିଲ୍ଲାକୁ ଛାଡି ଦେଲେ ଆଜି ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ସ୍କୁଲ ଖୋଲିଛି। ସେସବୁ ସ୍ଥାନରେ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟି ଅବଧିକୁ ବୃଦ୍ଧି କରି ଦିଆଯାଇଛି।

# ଆସନ୍ତା ବର୍ଷ ଆଉ ଭୁଲ ରହିବନି : ଏସ୍‌ସିଇଆରଟି

ଭୁବନେଶ୍ୱର,୧୮।୬(ମହାଭାରତ): ପିଲାଙ୍କୁ ଆଗାମୀ ବର୍ଷ ମିଳିବ ସଂଶୋଧିତ ବହି। ଶିକ୍ଷକମାନେ ଶ୍ରେଣୀ ଗୃହରେ ପିଲାଙ୍କ ବହିକୁ ସଂଶୋଧନ କରି ପଢ଼ାଇବେ। ଆଗାମୀ ବର୍ଷ ସଂଶୋଧିତ ବହି ପ୍ରକାଶ କରି ପିଲାଙ୍କୁ ଦିଆଯିବ। ଏ ନେଇ ସୂଚନା ଦେଇଛନ୍ତି ଝଉରଜଞ ନିର୍ଦ୍ଦେଶିକା। ସେ କହିଛନ୍ତି ଯେ,ଚଳିତ ବର୍ଷ ନୂଆ ବହି ଛପା ହେବନି , ସଂଶୋଧନ ପୁସ୍ତିକାରେ ପଢ଼ିବେ ଛାତ୍ରଛାତ୍ରୀ । ଏଥର ଭୁଲ ହୋଇଯାଇଛି, ଡିଓମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଛୁ ବୋଲି ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି।ଛୋଟ ପିଲାଙ୍କ ବହିରେ ଶିକ୍ଷକମାନଙ୍କୁ ସଂଶୋଧନ କରିବାକୁ କୁହାଯାଇଛି। ବଡ଼ ପିଲା ଶିକ୍ଷକଙ୍କ ସାହାଯ୍ୟରେ ବହିରେ ନିଜେ ତ୍ରୁଟି ସଂଶୋଧନ କରିବେ। କହିଛନ୍ତି।

ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟିର ତଦନ୍ତ ସହିତ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ସାତ ଦିନ ମଧ୍ୟରେ କମିଟି ତଦନ୍ତ କରି ରିପୋର୍ଟ ଦାଖଲ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ତ୍ରୁଟି ପଛରେ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ତ୍ରୁଟି କେଉଁସ୍ତରରେ ହେଲା, ତାହା ଉପରେ ତଦନ୍ତ କରାଯିବା ସହି ତ୍ରୁଟିଗୁଡ଼ିକର ସଂଶୋଧନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ରାଜନୀତିକରଣ କରାନଯାଉ ବୋଲି ସେ କହିଛନ୍ତି।

ଅପରପକ୍ଷେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନା କରିଛନ୍ତି।

ଆଭାସି ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।ସେହିପରି ତଦନ୍ତ ବାଟବଣା ନହୋଇ ସଠିକ ଭାବେ ହେଉ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା)ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି।ପାଠ୍ୟପୁସ୍ତକ ପ୍ରସ୍ତୁତି ପରେ ଓସେପା ତରଫରୁ ସେଥିରେ ଥିବା ତ୍ରୁଟି ବାହାର କରି ଶିକ୍ଷକଙ୍କୁ ତ୍ରୁଟି ସଂଶୋଧନ କରିବାକୁ ନିର୍ଦ୍ଦେଶନାମା ଜାରି କରାଗଲା। ଜାନୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ 'ପ୍ରବୋଧନା' ତାଲିମ ସମୟରେ ଯଦି ପାଠ୍ୟପୁସ୍ତକର ସଫ୍ଟ କପି ଶିକ୍ଷକଙ୍କୁ ଯୋଗାଇ ଦିଆଯାଇଥାନ୍ତା ତେବେ ଆଜି ଏ ପରିସ୍ଥିତି ଉପୁଜି ନଥାନ୍ତା। ପାଠ୍ୟପୁସ୍ତକ ପ୍ରସ୍ତୁତି ନିମନ୍ତେ କେତୋଟି କମିଟି ଗଠନ ହୋଇଥିଲା, ସେହି କମିଟିରେ କିଏ ସଦସ୍ୟ ଥିଲେ; ସେମାନଙ୍କ ନାମ ତାଲିକା ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଘ ଦାବି କରିଛି। ଯୁଦ୍ଧକାଳୀନଭିତ୍ତିରେ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି କରି ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାକୁ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷା ନୀତି ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ବଦଳିଛି। ନୂଆ ବହିରେ ବହୁ ଭୁଲ୍ ରହିଛି। ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ତ୍ରୁଟି ଚିହ୍ନଟ କରାଯାଇଛି। କେଉଁଠି ବନାନ ଭୁଲ୍ ଅଛି ତ ଆଉ କେଉଁଠି ମହାପୁରୁଷଙ୍କ ନାମ ଭୁଲ୍। ପୁଣି ଓଡ଼ିଶା ବିଧାନସଭା ଚିତ୍ର ବଦଳରେ ରହିଛି କର୍ଣ୍ଣାଟକ ବିଧାନସଭା ଚିତ୍ର। ଡଙ୍ଗରିଆ ଜନଜାତିଙ୍କୁ ଲେଖାଯାଇଛି ଡୋଙ୍ଗରିଆ। ଓଡ଼ିଶାର ନିୟମଗିରିକୁ ଝାଡ଼ଖଣ୍ଡର ନିୟମଗିରି ଭାବେ ଦର୍ଶାଯାଇଛି।



# ଜୀବନଚର୍ଯ୍ୟା





## ମାଛ ମଞ୍ଜି କୋପ୍ତା

**ଆବଶ୍ୟକ ସାମଗ୍ରୀ:** ମାଛ ମଞ୍ଜି, ପିଆଜ, ଟମାଟୋ, ଅଦା , ରସୁଣ ବଟା, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀ ଗୁଣ୍ଡ, ରିଫାଇନ୍ ତେଲ, କଟା ଧନିଆପତ୍ର, ଅଳ୍ପ କିଛି ବେସନ, ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମାଛ ମଞ୍ଜିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ସେଥିରେ ଲୁଣ, ହଳଦୀ ଗୁଣ୍ଡ, କଟା ଧନିଆପତ୍ର, କଟା ପିଆଜ, କଟା କଂଚାଲଙ୍କା, କଟା ଅଦା, କଟା ରସୁଣ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ବେସନ ପକାଇ ଭଲ ଭାବରେ ଗୋଳାଇ ତେଲରେ ଛାଣି ରଖନ୍ତୁ । ଅନ୍ୟ ଏକ କଡାଇରେ ତେଲ ଗରମ କରି ତେଜପତ୍ର, କଟା ପିଆଜ, କଟା ଟମାଟୋ ପକାଇ ପିଆଜ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ବର୍ତ୍ତମାନ ଏଥିରେ ରସୁଣ ବଟା, ଅଦାବଟା, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ଅଧା କପ ପାଣି ଦେଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହୋଇଗଲା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ମସଲା ଭଲ ଭାବରେ ଫୁଟିଗଲେ ଧିମି ଆଂଚରେ ରଖି ପୂର୍ବରୁ ଛାଣି ରଖିଥିବା ମାଛ ମଞ୍ଜିକୁ ପକାଇ ଢାଙ୍କୁଣି ଘୋଡାଇ ୫ରୁ ୧୦ ମିନିଟ୍ ରଖନ୍ତୁ। ମାଛ ମଞ୍ଜି କୋପ୍ତା ଭଲ ଭାବରେ ସିଝି ଗଲେ ଢାଙ୍କୁଣି କାଢି ଉପରେ କଟା ଧନିଆପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଛ ମଞ୍ଜି କୋପ୍ତା।



### ଖବର

## ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ସାକ୍ଷାତ କଲେ ସାମନ୍ଥା





ସାମନ୍ଥା ରୁଥ ପ୍ରଭୁ ଏବେ ଅପକମିଂ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ଜୁନ୍ ୧୯ରେ ପୂଆ ଫିଲ୍ମ ପରଦା ଉପରକୁ ଆସିବ । ଏନେଇ ଅଭିନେତ୍ରୀ ସାମନ୍ଥା ପ୍ରମୋସନରେ ଲାଗିଛନ୍ତି । ଏହାରି ଭିତରେ ସାମନ୍ଥା ନିଜର ପୁରୁଣା କୋ ଷ୍ଟାର ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟଙ୍କ ସହିତ ସାକ୍ଷାତ କରିଛନ୍ତି । ସେ ବିଜୟଙ୍କୁ ଭେଟିବା ସହ ଫଟୋ ବି ସେୟାର କରି ସ୍ପେଶାଲ କ୍ୟାପସନ ଲେଖିଛନ୍ତି । ଅଭିନେତ୍ରୀ ସାମାୟା ରୁଥ ପ୍ରଭୁ ଏବଂ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥଲାପତି ବିଜୟ ଏକାଠି ଅନେକ ଫିଲ୍ମରେ କାମ କରିଛନ୍ତି । ତାଙ୍କ ଫିଲ୍ମକୁ ବକ୍ସ ଅଫିସରେ ବି ବହୁ ପସନ୍ଦ କରାଯିବା ସହ ବ୍ଲକବଷ୍ଟର ହିଟ୍ ବି ହୋଇଛି ।ସାମନ୍ଥା ଲେଖିଛନ୍ତି କି, ଯେତେବେଳେ ମୁଁ ଆଜି ଚେନ୍ନାଇରେ ପହଞ୍ଚିଲି ମୋତେ ବହୁତ ଖୁସି ଅନୁଭବ ହେଲା । ମୁଁ ସିଏମଙ୍କୁ ଭେଟିବାକୁ ଯାଉଥିଲି । ମୋତେ ସବୁବେଳେ ଅନୁଭବ ହେଉଥିଲା କି ବିଜୟ ସାର୍ କେବଳ ଅନସ୍କ୍ରିନ ହିରୋ ନୁହନ୍ତି । ତାଙ୍କ ଏନର୍ଜୀ, ପ୍ରେଜେନ୍ସ ଏବଂ ଯେଉଁଭଳି ଭାବେ ଲୋକ ତାଙ୍କୁ ରେସ୍ପେକ୍ଟ କରିଥାନ୍ତି।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

## କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।

ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୂଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

## କିଡ୍‌ନୀ ଫେଲ୍‌ର ଲକ୍ଷଣ କ'ଣ ?


କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ୟୁରିନ୍ ରାସ୍ତା ଦେଇ ବାହାରକୁ ବାହାର କରିବା କାମ କରିଥାଏ। କିନ୍ତୁ ଅନେକ ଥର ଏମିତି ବି ହୋଇଥାଏ ଯେ ଇନଫେକସନ୍ କାରଣରୁ କିଡନୀ ଭଲଭାବେ କାମ କରିନଥାଏ। ଯାହା ପରେ କିଡନୀ ନଷ୍ଟର କାରଣ ସାଜିଥାଏ। କିନ୍ତୁ କଣ ଆପଣଙ୍କୁ ଜଣାଅଛି କିଡନୀ ଫେଲ ହେବା ପୂର୍ବରୁ ଶରୀରରେ ଅନେକ କିଛି ଲକ୍ଷଣ ଦେଖାଯାଇଥାଏ। ଯେଉଁ ଲକ୍ଷଣ ଆପଣଙ୍କୁ ଜଣାଇଥାଏ ଯେ ଆପଣଙ୍କ କିଡନୀ ଡ୍ୟାମେଜ୍ ହେଉଛି। ଭାରତରେ କ୍ରମାଗତ ଭାବେ କିଡନୀ ଫେଲ୍ ସମସ୍ୟା ବଢ଼ିବାରେ ଲାଗିଛି । ଦେଶରେ ପାଖାପାଖି ୧୫ ପ୍ରତିଶତ ଲୋକ କିଡନୀ ସମ୍ପର୍କିତ କୌଣସି ସମସ୍ୟାରେ ପୀଡ଼ିତ ରହିଛନ୍ତି । ପ୍ରତିବର୍ଷ ଦେଶର ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରୁ ୧୦ ଜଣ କିଡନୀ ଡ୍ୟାମେଜ୍ କାରଣରୁ ପ୍ରାଣ ହରାଉଛନ୍ତି । ବର୍ଷକ ମଧ୍ୟରେ ସାରା ଦେଶରେ ପାଖାପାଖି ୮-୧୦ ହଜାର ଲୋକଙ୍କର କିଡନୀ ପ୍ରତ୍ୟାରୋପଣ କରାଯାଇଥାଏ । ଉପଯୁକ୍ତ ଜ୍ଞାନର ଅଭାବ ଓ



ଚିକିତ୍ସାର ଅଭାବ କାରଣରୁ ଅନେକ ଲୋକ ମୃତ୍ୟୁମୁଖରେ ପଡୁଥିବା ଦେଖାଯାଉଛି । ଅନେକ ସମୟରେ କୌଣସି ବ୍ୟକ୍ତିଙ୍କର କିଡନୀ ଖରାପ ହେବା ପରେ ସେ ସହାୟତା ପାଇଁ ଅନୁରୋଧ କରିଥାନ୍ତି । ତେବେ ଯଦି ଜଣଙ୍କର ଗୋଟିଏ କିଡନୀ କୌଣସି କାରଣରୁ ଖରାପ ହୋଇଯାଏ ତେବେ ସେ ଅନ୍ୟ କିଡନୀରେ ଜୀବିତ ରହିପାରନ୍ତି । ମାତ୍ର ଏପରି ସ୍ଥିତିରେ ଯଦି ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଏ, ତେବେ ମଣିଷ କ'ଣ ବଞ୍ଚି ପାରିବ ? ଏ ବାବଦରେ ନୂଆଦିଲ୍ଲୀ ସ୍ଥିତ ସାର ଗଙ୍ଗାରାମ ହସ୍ପିଟାଲର ୟୁରୋଲୋଜି ବିଭାଗର ବରିଷ୍ଠ କନସଲଟାଣ୍ଟ ଡା. ସୁଧୀର ଚଢଢା ସୂଚନା ଦେଇଛନ୍ତି । ସାଧାରଣ ଭାବେ କିଡନୀର ମୁଖ୍ୟ କାର୍ଯ୍ୟ ହେଉଛି ରକ୍ତକୁ ପରିଷ୍କାର କରିବା ଓ ମଇଳା ପଦାର୍ଥକୁ ପରିସ୍ରା ଦ୍ୱାରା ବାହାରକୁ ବାହାର କରିବା । କିଡନୀ ରକ୍ତଚାପକୁ ରେଗୁଲେଟ କରିବା ସହିତ ଲାଲ ରକ୍ତକୋଷିକାକୁ ନିର୍ମାଣ କରିଥାଏ । ଏଥିସହିତ କିଡନୀ ଆମ ଶରୀରର ପୋଟେନସିଆଲ ଅଫ୍ ହାଇଡ୍ରୋଜେନ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଯଦି ଆପଣଙ୍କ କିଡନୀ ଠିକ୍ ଭାବେ କାମ କରିବ ନାହିଁ, ତେବେ ଆପଣଙ୍କ ଶରୀରରେ ଅପରିଷ୍କାର ପଦାର୍ଥ ଜମି ରହିବ । ଏପରି ସ୍ଥିତିରେ ଶରୀରରେ ଅନେକ ପ୍ରକାରର ରୋଗ ସୃଷ୍ଟି ହେବ ଓ ଠିକ୍ ସମୟରେ ଚିକିତ୍ସା ନକଲେ ଆପଣଙ୍କର ଜୀବନ ଯାଇପାରେ । ଯଦି ଜଣଙ୍କର ଗୋଟିଏ ବା ଦୁଇଟି କିଡ୍‌ନୀ କାମ କରିବା ବନ୍ଦ କରିଦେବ, ତେବେ ଏହାକୁ କିଡନୀ ଫେଲୁଅର କୁହାଯିବ । ଅନେକ ସମୟରେ ଠିକ୍ ସମୟରେ ଚିକିତ୍ସା ନ କରାଇବା ଓ କିଡନୀକୁ ନେଇ ଉପଯୁକ୍ତ ସଚେତନତାର ଅଭାବ କାରଣରୁ ଅନେକଙ୍କର ଅକାଳରେ ମୃତ୍ୟୁ ଘଟିଥାଏ । ଡାଇବେଟିସ, ଉଚ୍ଚ ରକ୍ତଚାପ ଓ ହାର୍ଟ ରୋଗୀଙ୍କୁ କିଡ୍‌ନୀ ଫେଲୁଅର ସମସ୍ୟାରେ ବେଶି ସାମ୍ନା କରିବାକୁ ପଡ଼ିଥାଏ । ଶରୀରରେ ବ୍ଲଡ ସୁଗର ସ୍ତର ବଢ଼ିବା ଫଳରେ ଡାଇବେଟିସ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ, ଫଳରେ ଶରୀରର ଅନ୍ୟ ଅଙ୍ଗ ମଧ ଅକାମୀ ହୋଇପଡ଼େ । ଉଚ୍ଚ ରକ୍ତଚାପରେ ଶରୀରରେ ରକ୍ତ କୋଷିକାଗୁଡ଼ିକରେ ଜୋରରେ ରକ୍ତ ପ୍ରବାହିତ ହୋଇଥାଏ । ରକ୍ତ ଜୋରରେ ପ୍ରବାହିତ ହେଲେ କିଡନୀର ଟିସୁ ଡ୍ୟାମେଜ ହୋଇଥାଏ । ଫଳରେ ଆମକୁ କିଡନୀ ଫେଲୁଅର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ । ପାରିବାରିକ ଇତିହାସ ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ କିଡ୍‌ନୀ ଅକାମୀ ହେବାର ଆଶଙ୍କା ଅଧିକ ରହିଥାଏ । ଯେଉଁମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରନ୍ତି ସେମାନଙ୍କଠାରେ କିଡନୀ ଅକାମୀ ହେବାର ବେଶି ଆଶଙ୍କା ରହିଥାଏ । ଯେଉଁମାନେ ହାଇପର ଟେନସନ, ଷ୍ଟ୍ରୋକ ଆଦି ସମସ୍ୟାରେ ଜଡ଼ିତ ଅଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ ରହିଥାଏ । ଏହାବ୍ୟତୀତ ଅତ୍ୟଧିକ ମାତ୍ରାରେ ମଦ୍ୟପାନ, ସ୍ମୋକିଂ ମଧ କିଡନୀ ଡ୍ୟାମେଜର ଅନ୍ୟତମ ପ୍ରମୁଖ କାରଣ । କିଡ୍‌ନୀ ଡ୍ୟାମେଜ ହେବା ପରେ ଧୀରେଧୀରେ ବାନ୍ତି ଆସିବା, ଥକ୍କାପଣ, ଭୋକ ନ ଲାଗିବା, ଦୁର୍ବଳତା, ନିଦ୍ରାହୀନତା, କମ୍ ପରିସ୍ରା, ପାଦ ଓ ଗୋଡ଼ ଫୁଲା, ଚର୍ମ ଶୁଷ୍କ ଓ କୁଣ୍ଡେଇ ହେବା ଆଦି ଲକ୍ଷଣ ସବୁ ଦେଖାଦେଇଥାଏ । ବ୍ରେନ, ହାର୍ଟ ବା ଲିଭର ଅକାମୀ ହେବା ତୁଳନାରେ କିଡନୀ ଡ୍ୟାମେଜ ରୋଗୀର ଜୀବନ ସହଜରେ ବଞ୍ଚାଯାଇ ପାରିବ । ଏଥିପାଇଁ ଡାୟଲିସିସ ବା ଟ୍ରାନ୍ସପ୍ଲାଣ୍ଟର ସାହାରା ନିଆଯାଇଥାଏ । ଯୁବ ବୟସର ରୋଗୀଙ୍କର ଟ୍ରାନ୍ସପ୍ଲାଣ୍ଟ ଓ ବୟସ୍କଙ୍କ କ୍ଷେତ୍ରରେ ଡାୟଲିସିସ କରାଯାଇ ଜୀବନ ବଞ୍ଚାଯାଇପାରେ ।

## ଦୁର୍ଯ୍ୟୋଧନର ଗର୍ବ ଭାଙ୍ଗିଲା

ଜୁଆରେ ହରାଇ ବନବାସ ପଠାଇ ଦେଇଥିଲା କୌରବ । ବନରେ ରହି ଅଯଥାରେ ସମୟ ନଷ୍ଟ କରିବା ବଦଳରେ ଅର୍ଜୁନ, ଭୀମ ଆଦି ପାଣ୍ଡବମାନେ ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଆହରଣ କରିବାରେ



ଲାଗିପଡ଼ିଥିଲେ । ଏପଟେ ରାଜନଅରରେ ଥିବା ଦୁର୍ଯ୍ୟୋଧନ ଭାବିଲା- ପାଣ୍ଡବମାନେ ଜଙ୍ଗଲରେ ଦୁଃଖପୂର୍ଣ୍ଣ ଜୀବନ ବିତାଉଥିଲେ । ପାଣ୍ଡବମାନଙ୍କୁ ଅପମାନିତ କରିବା ଲାଗି ଦିନେ ଦୁର୍ଯ୍ୟୋଧନ ଏକ ଯୋଜନା କଲା । କର୍ଣ୍ଣ, ଶକୁନି ଆଦିଙ୍କୁ ସାଥୀରେ ନେଇ ନିଜ ରାଣୀମାନଙ୍କ ସହ ଦୁର୍ଯ୍ୟୋଧନ ଜଙ୍ଗଲରେ ପହଞ୍ଚିଲା । ରାଣୀଙ୍କ ସହିତ ସରୋବରରେ ଜଳକ୍ରୀଡ଼ା କରିବା ଲାଗି ଦିନେ ଦୁର୍ଯ୍ୟୋଧନର ଇଚ୍ଛା ହେଲା । ସରୋବର କୂଳରେ ଗନ୍ଧର୍ବଙ୍କ ରାଜା ଚିତ୍ରସେନ ଡେରା ପକାଇଥିଲେ । ଦୁର୍ଯ୍ୟୋଧନ ସେ ଦିଗରେ ସ୍ଥାନ ଖାଲି କରିବା ଲାଗି ସୈନିକମାନଙ୍କୁ ଆଦେଶ ଦେଲା । ସେମାନେ ଯାଇ ସରୋବର କୂଳରେ ପହଞ୍ଚିଲେ, କିନ୍ତୁ ଚିତ୍ରସେନ ସେମାନଙ୍କୁ ଗୋଡ଼ାଇ ବିଦା କରିଦେଲେ । ଦୁର୍ଯ୍ୟୋଧନ ଅଧିକ ସୈନିକଙ୍କୁ ପଠାଇଲା । ହେଲେ ଚିତ୍ରସେନ ସେମାନଙ୍କୁ ମଧ ପରାଜିତ କରି ବିଦା କରିଦେଲା । ଏହାପରେ କର୍ଣ୍ଣ ଓ ଶକୁନିଙ୍କ ସାଥୀରେ ନେଇ ଦୁର୍ଯ୍ୟୋଧନ ଗନ୍ଧର୍ବଙ୍କ ସମ୍ମୁଖକୁ ଆସିଲା । ଚିତ୍ରସେନ ସେତେବେଳେ ସ୍ନାନ କରୁଥିଲେ । ସେ କୌରବ-ସେନା ଉପରେ ଘନ ଘନ ଅସ୍ତ୍ର ଆକ୍ରମଣ ଆରମ୍ଭ କରିଦେଲେ । ଏହାପରେ ସେ ସମ୍ମୋହନ ଅସ୍ତ୍ର ପ୍ରୟୋଗ କଲେ । କର୍ଣ୍ଣଙ୍କ ରଥକୁ ଭାଙ୍ଗି ଦୁଇ ଭାଗ କରିଦେଲେ । ଦୁର୍ଯ୍ୟୋଧନଙ୍କୁ ପାଶରେ ବାନ୍ଧିଦେଲେ । କୌରବ ରାଣୀଙ୍କୁ ବନ୍ଦୀ କରି ସ୍ୱର୍ଗ ନେଇ ଚାଲିଲେ । ଏହି ସମୟରେ ରାଣୀମାନେ ଭୀମ, ଅର୍ଜୁନ ଏବଂ ଯୁଧିଷ୍ଠିରଙ୍କୁ ସହାୟତା ନିମନ୍ତେ ଡାକିଲେ । ଦୁର୍ଯ୍ୟୋଧନଙ୍କର ଜଣେ ମନ୍ତ୍ରୀ ଯାଇ ଯୁଧିଷ୍ଠିରଙ୍କୁ କୌରବଙ୍କ ବିପତ୍ତି ବିଷୟରେ କହିଲେ । ଏହାଶୁଣି ଭୀମ ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ଯୁଧିଷ୍ଠିର କହିଲେ, ନିଜ ଭାଇ ଏବଂ ବଂଶର ଲୋକମାନଙ୍କୁ ସୁରକ୍ଷା ଦେବା ଆମର ଧର୍ମ । ଏହା ଆମ ପ୍ରତିଷ୍ଠାର ପ୍ରଶ୍ନ । ତାଙ୍କ କଥା ମାନି ଭୀମ ଏବଂ ଅର୍ଜୁନ ତତ୍‌କ୍ଷଣାତ୍ ଯାଇ ସରୋବର କୂଳରେ ପହଞ୍ଚିଲେ । ଦୁହେଁ ଚିତ୍ରସେନଙ୍କ ସହ ଯୁଦ୍ଧ କଲେ । ମହାକର୍ଷଣ ଅସ୍ତ୍ର ଦ୍ୱାରା ଅର୍ଜୁନ ଆକାଶରୁ ଚିତ୍ରସେନଙ୍କୁ ଟାଣି ଆଣିଲେ । ଏହାପରେ ତାଙ୍କୁ ଯୁଦ୍ଧରେ ପରାସ୍ତ କରି କୌରବ ରାଣୀମାନଙ୍କୁ ମୁକୁଳାଇଲେ । ଭୀମ ରଥ ଉପରୁ ଦୁର୍ଯ୍ୟୋଧନ ଏବଂ ରାଣୀମାନଙ୍କୁ ତଳକୁ ଓହ୍ଲାଇଦେଲେ । ଚିତ୍ରସେନ ଏବଂ ଅର୍ଜୁନ ବନ୍ଧୁ ଭଳି ପରସ୍ପରକୁ କୋଳାଗ୍ରତ କଲେ । ଏହି ଦୃଶ୍ୟ ଦେଖି ଦୁର୍ଯ୍ୟୋଧନ ଲଜ୍ଜିତ ହେଲା । ଇଚ୍ଛା ନଥିଲେ ବି ସେ ଯୁଧିଷ୍ଠିରଙ୍କୁ ପ୍ରଣାମ କରି ହସ୍ତିନାପୁର ଅଭିମୁଖେ ପ୍ରସ୍ଥାନ କଲା ।

# ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୮।୬ (ମହାଭାରତ): ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ବୁଧବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ ଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱ ଆରୋପ କରିଛନ୍ତି । ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଏବଂ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । କୃଷକମାନଙ୍କ ମଧ୍ୟରେ ସୌରଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍ କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ। ପିଏମ୍-କୁସୁମ ଯୋଜନା ସଂପର୍କରେ ଉଲ୍ଲେଖ କରି ବିଭାଗର ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତ୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗୀୟ ଅଧିକାରୀମାନେ ଜଳ ସଂପଦ ବିଭାଗର କାର୍ଯ୍ୟାବଳୀ, ଭୂପୃଷ୍ଠ ଓ ଭୂତଳ ଜଳ ସମ୍ପଦ, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଭୂତଳ ଜଳ ବିକାଶ, କମାଣ୍ଡ ଏରିଆ ବିକାଶ, ବର୍ଷାଧାରୀ ଜଳସେଚନ ସଫଳତା, ସୃଷ୍ଟି ହୋଇଥିବା ଓ ପ୍ରସ୍ତାବିତ ସେଚନ କ୍ଷମତା, ଭିତିଭୂମି ବିକାଶ ପଦକ୍ଷେପ, ଜଳବାୟୁ ସହନଶୀଳ ବ୍ୟବସ୍ଥା, ୨୦୪୭ ରୋଡମ୍ୟାପ୍ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତଭାବେ ଉପସ୍ଥାପନ କରିଥିଲେ। ରାଜ୍ୟ ବଜେଟ୍ ରେ ଜଳ ସମ୍ପଦ ବିଭାଗ ପାଇଁ ୧୪,୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରାଜ୍ୟପାଳ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଏହା ଜଳସେଚନ ଭିତିଭୂମିକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କ ପାଇଁ ଜଳ ନିରାପତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ଦ୍ଧିତ ବ୍ୟୟବରାଦ ବିଭାଗକୁ ତାହାର କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ଜଳସେଚନ ନେଟୱାର୍କର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଜଳସେଚନ ବ୍ୟବସ୍ଥାର ଟେଲ୍-ଏଣ୍ଡ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ କୃଷିଜମିକୁ ପର୍ଯ୍ୟାପ୍ତ ଜଳ ପହଂଚି ନପାରେ, ସେଠାରେ ମତ୍ସ୍ୟଚାଷର ସମ୍ଭାବନା ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଥିଲେ। ଏପରି ପଦକ୍ଷେପ କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିବା ସହ ଗ୍ରାମୀଣ ଜୀବିକା ବିକାଶର ଏକ ଉତମ ମଡେଲ୍ ହୋଇପାରିବ ବୋଲି ସେ କହିଥିଲେ। ମତ୍ସ୍ୟଚାଷ ବିକାଶ ମୁଖ୍ୟତଃ ମତ୍ସ୍ୟ ବିଭାଗର ଅଧୀନରେ ଥିଲେ ମଧ୍ୟ, ଜଳ ଉପଲବ୍ଧତା ସୁନିଶ୍ଚିତ କରି ଜଳ ସମ୍ପଦ ବିଭାଗ ଏଥିରେ ସହାୟକ ଭୂମିକା ନିଭାଇପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ଆଲୋଚନା ସମୟରେ ରାଜ୍ୟପାଳ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ସଂରଚନା, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ସେଗୁଡ଼ିକର ସେଚନ କ୍ଷମତା ସମ୍ପର୍କରେ ଅବଗତ ହୋଇଥିଲେ।



## କେନ୍ଦ୍ରୀୟ ଅନୁଦାନ ବୃଦ୍ଧି ପାଇଁ କେନ୍ଦ୍ର ନିକଟରେ ମୁହଁ ଖୋଲନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୬ (ମହାଭାରତ): ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ କମିବା ଉଦ୍‌ବେଗଜନକ । ଡବଲ ଇଞ୍ଜିନ ସରକାରରେ ଅନୁଦାନ ବୃଦ୍ଧି ପାଇବା ପରିବର୍ତ୍ତେ କମୁଥିବାରୁ ମୁଖ୍ୟମନ୍ତ୍ରୀ ଏ ବାବଦରେ କେନ୍ଦ୍ର ସରକାରଙ୍କ ନିକଟରେ ମୁହଁ ଖୋଲନ୍ତୁ ଦାବି କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଧାୟକ ଡ଼ ଅରୁଣ ସାହୁ କହିଥିଲେ ଯେ, ସରକାରକୁ ଆସିବା ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବ ବୋଲି କହିଥିଲା ବିଜେପି । କିନ୍ତୁ ପଂଚଦଶ ଅର୍ଥ କମିଶନ (୨୦୨୧-୨୬)ଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ ୪.୫୩ ପ୍ରତିଶତ ଅର୍ଥ ମିଳିଥିବା ବେଳେ ଷୋଡ଼ଶ ଅର୍ଥ କମିଶନ (୨୦୨୬-୩୧)ଙ୍କ ସୁପାରିଶରେ ତାହା ୪.୪୨ ପ୍ରତିଶତକୁ ହ୍ରାସ ପାଇଛି। ଏହାଦ୍ୱାରା ଓଡ଼ିଶା ପ୍ରଭୂତ କ୍ଷତି ସହିବ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫,୮୦୦ କୋଟି ଟଙ୍କାର ଅନୁଦାନ ମିଳିବାକୁ ଥିବାବେଳେ ଟଙ୍କାଟିଏ ବି ଅନୁଦାନ ମିଳିଲାନି । ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ଏହି ଯୋଜନାରେ ଓଡ଼ିଶା ଅନୁଦାନ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଂଚିତ ହେଲା । ସେହିପରି ଜଳ ଜୀବନ ମିଶନ ଯୋଜନାରେ ବାର୍ଷିକ ୬ ହଜାର କୋଟି ଟଙ୍କା ଅନୁଦାନ ମିଳିବାକୁ ଥିବାବେଳେ ଗତ ୨ ବର୍ଷ ମଧ୍ୟରେ ଟଙ୍କାଟିଏ ବି ଅନୁଦାନ ଓଡ଼ିଶାକୁ ମିଳିଲା ନାହିଁ । ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଓଡ଼ିଶା ହକ୍ ରୁ ବଂଚିତ ହେଲା ପରେ ମଧ୍ୟ କେନ୍ଦ୍ର ନିକଟରେ ମୁହଁ ଖୋଲିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ବଜେଟ୍ ରେ ଆବଂଟିତ ଅର୍ଥ ଖର୍ଚ୍ଚ ନ କରିପାରିବାରୁ କେନ୍ଦ୍ର ଅନୁଦାନ କାଟିଦେଉଛି । ରାଜ୍ୟ ବିଜେପି ସରକାରଙ୍କ ଅପାରଗତା ଲାଗି ଗ୍ରାମାଂଚଳରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି ।

## ଜେରାଇ 'ଲାଷ୍ଟ ୱାନ୍ ଷ୍ଟାଣ୍ଡିଂ' ଶୁଭାରମ୍ଭ

ଭୁବନେଶ୍ୱର,୧୮।୬ (ମହାଭାରତ): ଭାରତରେ ଫିଟ୍‌ନେସ୍ ଉପକରଣର ସ୍ୱୟଂଚାଳିତ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଜେରାଇ ଫିଟ୍‌ନେସ୍ ଲିମିଟେଡ ରିବକ୍‌କୁ ଏହାର ପଣ୍ୟଦ୍ରବ୍ୟ ଓ ଫିଟ୍‌ନେସ୍ ସାମଗ୍ରୀର ଅଂଶୀଦାର ଭାବରେ ନେଇ ଏହି ଧରଣର ପ୍ରଥମ ଜାତୀୟସ୍ତରର ସାମର୍ଥ୍ୟ ଓ ସହନଶୀଳତା ଚମ୍ପିଆନସିପ୍ 'ଲାଷ୍ଟ ୱାନ ଷ୍ଟାଣ୍ଡିଂ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏକ ଫିଟ୍‌ନେସ୍ ପ୍ରତିଯୋଗିତାରୁ ଯଥେଷ୍ଟ ଅଧିକ ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶର ଫିଟ୍‌ନେସ୍ ଉତ୍ସାହୀ, ଆଥଲେଟ୍, ଜିମ୍ ଯାଉଥିବା ବ୍ୟକ୍ତି ଏବଂ ଦୈନନ୍ଦିନ ଚାଲେଞ୍ଜରମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବା ନିମନ୍ତେ ଏକ ବୃହଦାକାର ଅଭିଯାନ ଭାବରେ ପରିକଳ୍ପନା କରାଯାଇଛି। ଏହି ଏକ-ଦିବସୀୟ ଚମ୍ପିଆନସିପ୍ ନିମନ୍ତେ ପଞ୍ଜିକରଣ ଆରମ୍ଭ ହୋଇଛି ଏବଂ ଏହାର ପ୍ରଥମ ସଂସ୍କରଣ ମୁମ୍ବାଇରେ ଡିସେମ୍ବର୧୩, ୨୦୨୬ରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ସଂସ୍କରଣ ନିମନ୍ତେ ଅଂଶଗ୍ରହଣକୁ ପ୍ରଥମ ୫୦୦ ପ୍ରବେଶରେ ସୀମିତ ରଖାଯିବ। କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜିକରଣ କରିବାକୁ ଅଂଶଗ୍ରହଣକାରୀ www.lastonestanding.in ପରିଦର୍ଶନ କରିପାରିବେ। ନିଷ୍କ୍ରିୟ ଜୀବନଶୈଳୀ ଯେତେବେଳେ ଅଧିକରୁ ଅଧିକ ସାଧାରଣ ଘଟଣା ହେବାରେ ଲାଗିଛି, ସେତେବେଳେ ଲାଷ୍ଟ ୱାନ୍ ଷ୍ଟାଣ୍ଡିଂ ଜନସାଧାରଣଙ୍କୁ ସେମାନଙ୍କର ଶାରୀରିକ ସାମର୍ଥ୍ୟ, ସହନଶୀଳତା, ଶୃଙ୍ଖଳା ଏବଂ ମଜଭୁତପଣ ସହିତ ପୁନଃ ଯୋଡିହେବାକୁ ପ୍ରେରିତ କରିବା ଲକ୍ଷ୍ୟ ରଖିଛି। ଫିଟ୍‌ନେସ୍ କେବଳ ଚେହେରା ଠାରୁ ଯଥେଷ୍ଟ ଅଧିକ ବୋଲି ବିଶ୍ୱାସ ଆଧାରରେ ପ୍ରସ୍ତୁତ ଏହି ଚମ୍ପିଆନସିପ୍ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଶରୀର ଓ ମନ ବାସ୍ତବରେ କେତେଦୂର ଯାଇପାରିବ ତାହା ଆବିଷ୍କାର କରିବାକୁ ଚାଲେଞ୍ଜ ଦେଉଛି। ଗୋଟିଏ ବିଭାଗ ଉପରେ ଦୃଷ୍ଟିନିବଦ୍ଧ କରୁଥିବା ପାରମ୍ପରିକ ପ୍ରତିଯୋଗିତାଗୁଡିକ ଠାରୁ ଭିନ୍ନ ଏହି ଲାଷ୍ଟ ୱାନ୍ ଷ୍ଟାଣ୍ଡିଂରେ ଏକାଧିକ ଫିଟ୍‌ନେସ୍ ଚାଲେଞ୍ଜକୁ ସାମଗ୍ରିକ ପ୍ରଦର୍ଶନର ସଘନ ପରୀକ୍ଷାରେ ଏକୀକୃତ କରାଯାଇଛି। ଅଂଶଗ୍ରହଣକାରୀମାନେ ସ୍କାଟସ୍, ବେଞ୍ଚ ପ୍ରେସ, ଡେଡଲିଫ୍ଟ, ପୁଲ୍-ଅପସ୍, ଜାଷ୍ଟ ବ୍ୟାଟ୍ ରନ୍ ଏବଂ ଏୟାର ବାଇକ (ସାଇକ୍ଲିଂ) ସମେତ ଛଅଟି ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରିବେ।

# ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର,୧୮।୬ (ମହାଭାରତ): ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୁଶାସନ ଓ ଫଳାଫଳଭିତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି ।ଓଡ଼ିଶା ଜନ ବିଶ୍ୱାସ ଆଇନ୍ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା, ତ୍ୱରିତ ମୂଲ୍ୟାଙ୍କନ ବ୍ୟବସ୍ଥା ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନକୁ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଗତ ମଇ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଂଫଳତା ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ । ଆଗାମୀ ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମର ଶୃଙ୍ଖଳିତ ବ୍ୟବସ୍ଥା ନେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଦ୍ରୁତ ଏବଂ ପ୍ରମାଣଭିତିକ ମୂଲ୍ୟାଙ୍କନ ପାଇଁ "ରାପିଡ୍ ସର୍ଭେ ବେସ୍ଡ ଆସେସମେଂଟ" ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଇଥିଲେ। ଏହି ବ୍ୟବସ୍ଥା ଫଳରେ ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ତ୍ୱରିତ ମତାମତ ମିଳିବ, ଯାହା ଦ୍ୱାରା ତ୍ରୁଟି ଚିହ୍ନଟ, ମଧ୍ୟବର୍ତୀ ସଂଶୋଧନ, ନୀତି ନିର୍ଦ୍ଧାରଣ ଏବଂ ଫଳାଫଳମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗରେ ନିୟାମକ ସରଳୀକରଣ(ଡି-ରେଗୁଲେସନ) ମାଧ୍ୟମରେ ଅନାବଶ୍ୟକ ଅନୁମୋଦନ ଓ ପ୍ରକ୍ରିୟାଗତ ଜଟିଳତା ହ୍ରାସ କରିବା ଉପରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା । ତତ୍ ସହିତ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ, ବକେୟା ଥିବା ସରକାରୀ ବିଦ୍ୟୁତ୍ ବିଲ ପୈଠ ସଂପର୍କରେ ସମୀକ୍ଷା କରାଯାଇଥିଲା । ଅନୁଗୋଳ ଜିଲ୍ଲାପାଳ ଅବଦାଲ ଏମ୍. ଅଖତର୍ "ବିକଶିତ ଅନୁଗୋଳ" ଲକ୍ଷ୍ୟକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ୨୬ ଟି ଭିତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ପ୍ରସ୍ତାବିତ ବୁଢାପଙ୍କରୁ ଭାୟା ତେନ୍ତୁଲାଇ ଦେଇ ଲୁବୁରୀ ପର୍ଯ୍ୟନ୍ତ ଦୀର୍ଘ ୧୧୨.୫୬ କିମି ପର୍ଯ୍ୟନ୍ତ ବାହ୍ୟ ରେଳ କରିଡର ଏବଂ ପୁତୁଗାଡ଼ିଆ ଠାରୁ ତେନ୍ତୁଲାଇ ପର୍ଯ୍ୟନ୍ତ ୫୦ କିମି ଦୀର୍ଘ ଆଭ୍ୟନ୍ତରୀଣ ରେଳ କରିଡରର ନିର୍ମାଣ ସଂପର୍କରେ ଆଲୋଚନା କରିଥିଲେ।



# ନିର୍ମାଣାଧୀନ ବ୍ରହ୍ମପୁର ବାଇପାସ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର,୧୮।୬ (ମହାଭାରତ): ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଦିନ ଗଞ୍ଜାମ ଜିଲ୍ଲା ଗସ୍ତ କରି ଏନଏଚ-୫୯ ଉପରେ ନିର୍ମାଣାଧୀନ ୧୩.୫୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର ବାଇପାସ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରାୟ ୧୯୬.୯୪ କୋଟି ଟଙ୍କା ବ୍ୟୟବରାଦରେ ଗ୍ରହଣ କରାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବର୍ତମାନ ସୁଦ୍ଧା ପ୍ରାୟ ୭୦% ଭୌତିକ କାର୍ଯ୍ୟ ଏବଂ ୫୬.୮୯% ଆର୍ଥିକ ପ୍ରଗତି ହାସଲ ହୋଇଛି। ପ୍ରକଳ୍ପ ଅନ୍ତର୍ଗତ ୪-ଲେନ ବିଶିଷ୍ଟ ସଡ଼କ, ରେଳ ଓଭରବ୍ରିଜ, ଭେହିକଲ ଅଣ୍ଡରପାସ, ଛୋଟ ପୁଲ ଓ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଛି ।ବାଇପାସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବ୍ରହ୍ମପୁର ସହରର ଯାତାୟାତ ଚାପ ହ୍ରାସ ପାଇବା ସହ ଦକ୍ଷିଣ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରର ବିକାଶକୁ ନୂତନ ଗତି ମିଳିବ।

୧୯୬.୯୪ କୋଟି ଟଙ୍କାର ଏହି ଐତିହାସିକ ପ୍ରକଳ୍ପ ଓଡ଼ିଶାର ସଡ଼କ ସଂଯୋଗ ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଗମ ଓ ସୁରକ୍ଷିତ କରିବା ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ସହ ଗୁଣାତ୍ମକ ମାନଦଣ୍ଡ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି। ଏହି ଅବସରରେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ,ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ୍,ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସାରାଭାନା ବିବେକ ଏମ୍.,ବ୍ରହ୍ମପୁର ମହାନଗର ନିଗମର କମିଶନର ତଥା ବ୍ରହ୍ମପୁର ଉନ୍ନୟନ କର୍ତୃପକ୍ଷର ଉପାଧ୍ୟକ୍ଷ ଶ୍ରୀମତୀ ଏ. ଶସ୍ୟା ରେଡ୍ଡୀ,ବ୍ରହ୍ମପୁର ଉନ୍ନୟନ କର୍ତୃପକ୍ଷର ସଚିବ ରମେଶ ହାଁସଦା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସମୀର କୁମାର ଜେନା,ବ୍ରହ୍ମପୁର ଡ଼ିଭିଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନିହାର ରଞ୍ଜନ ବେହେରା,ବ୍ରହ୍ମପୁର ଜାତୀୟ ରାଜପଥ ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ପ୍ରକାଶ କୁମାର ବେହେରା,ବ୍ରହ୍ମପୁର ଡ଼ିଭିଜନର ଅଧିକ୍ଷଣ ଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ଅଭ୍ରକାଂଶ ପଣ୍ଡା,ବ୍ରହ୍ମପୁର ଡ଼ିଭିଜନ ୨ ର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ସରୋଜ ସାବତଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଓ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ଭିଆଇଏସ୍‌ଏଲ୍ ପରବର୍ତୀ ସମନ୍ୱିତ ଲୁହାପଥର ଓ ଇସ୍ପାତ ଅଭିବୃଦ୍ଧି ପ୍ଲାଟଫର୍ମ ଭାବେ ପଦାର୍ପଣ

ଭୁବନେଶ୍ୱର,୧୮।୬ (ମହାଭାରତ): ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ୍) ବିଏସଇ ଲିମିଟେଡ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଂଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନଏସଇ) ରେ ଏହାର ଇକ୍ୱିଟି ସେୟାର ତାଲିକାଭୁକ୍ତ ଘୋଷଣା କରିଛି। ଏଥି ସହିତ ଏକ ସ୍ୱାଧୀନ, ସମ୍ବଳ-ସମର୍ଥିତ ଲୁହାପଥର ଓ ଇସ୍ପାତ କମ୍ପାନି ଭାବରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। ଯେତେବେଳେ ଦେଶର ଇସ୍ପାତ କ୍ଷେତ୍ର ଏକ ଅଭୂତପୂର୍ବ ସମ୍ପ୍ରସାରଣର ପର୍ଯ୍ୟାୟରେ ପ୍ରବେଶ କରୁଛି, ସେହି ସମୟରେ ତାଲିକାଭୁକ୍ତ ହେବା ନିବେଶକମାନଙ୍କୁ ଭାରତର ଏକ ଉଦୀୟମାନ ସମନ୍ୱିତ ଲୁହାପଥର ଓ ଇସ୍ପାତ ପ୍ଲାଟଫର୍ମ ସହିତ ସିଧାସଳଖ ସମ୍ପର୍କ ସ୍ଥାପନର ସୁବିଧା ପ୍ରଦାନ କରୁଛି। ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନକୁ ବୃଦ୍ଧି ପାଇବାର ଆଶା କରାଯାଉଛି, ଯାହା ବର୍ତମାନର ସ୍ଥାପିତ କ୍ଷମତା ପ୍ରାୟ ୨୦୦ ମିଲିୟନ ଟନ୍ ଅଟେ। ଭିତିଭୂମି, ରେଳବାଇ, ଶକ୍ତି, ପ୍ରତିରକ୍ଷା ଓ ସହରୀକରଣରେ ନିରନ୍ତର ନିବେଶ ଦ୍ୱାରା ଏହି କ୍ଷେତ୍ରକୁ ସମର୍ଥନ ମିଳୁଛି। ଘରୋଇ ଇସ୍ପାତ ଚାହିଦା ବାର୍ଷିକ ୬-୮%ରୁ ଅଧିକ ହାରରେ ବୃଦ୍ଧି ପାଇବା ପାଇଁ ଅନୁମାନ କରାଯାଉଛି ଯାହା ବିଶ୍ୱସ୍ତରୀୟ ଅଭିବୃଦ୍ଧି ହାରଠାରୁ ଯଥେଷ୍ଟ ଅଧିକ ଏବଂ ଏହି କ୍ଷେତ୍ର ଆସନ୍ତା ଦଶନ୍ଧି ମଧ୍ୟରେ ଭାରତର ଅର୍ଥନୈତିକ ବିକାଶରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହି ସୁଯୋଗର ମଧ୍ୟଭାଗରେ ରହିଛି ଭିଆଇଏସ୍‌ଏଲ୍ ଦୀର୍ଘକାଳୀନ ଲୁହାପଥର ସମ୍ବଳ, ସମନ୍ୱିତ କାର୍ଯ୍ୟକଳାପ ଓ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଯୋଜନା। ପ୍ରାୟ ୪ ବିଲିୟନ ଟନର ଲୁହାପଥର ସଂରକ୍ଷଣ ଓ ସମ୍ବଳ ଦ୍ୱାରା ସମର୍ଥିତ ଯାହା ୫୦ ବର୍ଷରୁ ଅଧିକ ସମୟର କଂଚାମାଲ ସୁରକ୍ଷା ପ୍ରଦାନ କରୁଛି। କମ୍ପାନି ଏଭଳି ଏକ ପ୍ଲାଟଫର୍ମ ନିର୍ମାଣ କରୁଛି ଯାହା ଲୁହାପଥର ଓ ଇସ୍ପାତ ମୂଲ୍ୟ ଶୃଙ୍ଖଳାରେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଭିଆଇଏସ୍‌ଏଲ୍ ଅଭିବୃଦ୍ଧି ଓ ମୂଲ୍ୟ ସୃଷ୍ଟି ପାଇଁ ଏକ ସ୍ୱଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ଏକ ଯୋଜନାବଦ୍ଧ ପୁଞ୍ଜି ବ୍ୟୟ କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ ହୋଇ କମ୍ପାନି ହାଇ ସିଲିକନ୍ ଆଇରନ୍, ଡିଆଇ ପାଇପ, ୱାୟର ରଡ ଓ ରିବାର ମଧ୍ୟରେ ମୂଲ୍ୟ-ଯୁକ୍ତ ଉତ୍ପାଦ କ୍ଷମତା ସମ୍ପ୍ରସାରଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି।

## 'କୋକା-କୋଲା ମ୍ୟାଚ୍ ଡ଼େ ହ୍ୟାଙ୍ଗ ଆଉଟ'

ଭୁବନେଶ୍ୱର,୧୮।୬ (ମହାଭାରତ): କୋକା-କୋଲା ଆଜି ମ୍ୟାଚ୍ ଡ଼େ ହ୍ୟାଙ୍ଗ ଆଉଟର ଶୁଭାରମ୍ଭ ବିଷୟରେ ଘୋଷଣା କରିଛି, ଯାହା ଭାରତର ବୃଦ୍ଧି ପାଉଥିବା ଫୁଟବଲ ପ୍ରେମୀ ପିଢ଼ି ପାଇଁ ପ୍ରସ୍ତୁତ ଏକ ସୃଜନଶୀଳ-ନିର୍ଦ୍ଦେଶିତ ଲାଇଫ ଫୁଟବଲ ୱାଚ୍ ଅଲଙ୍ଗ ଅନୁଭୂତି ଅଟେ। ଫିଫା ବିଶ୍ୱକପ ସିଜିନ ସମୟରେ ଆରମ୍ଭ ହୋଇଥିବା ଏହି କୋକା-କୋଲା ମ୍ୟାଚ୍‌ଡ଼େ ହ୍ୟାଙ୍ଗ ଆଉଟ ବିଳମ୍ବିତ ରାତିର ଫୁଟବଲ ମ୍ୟାଚ୍ ଦେଖିବା ପ୍ରକ୍ରିୟାକୁ ଏକ ମିଳିତ ଲାଇଭ ଅନୁଭୂତିରେ ରୂପାନ୍ତରିତ କରୁଛି। ଏହା ପ୍ରଶଂସକ ମାନଙ୍କୁ ଆଭାସି ଭାବେ ଏକତ୍ରିତ କରି ପ୍ରତିଟି ବଡ଼ ମୁହୂର୍ତ୍ତ ଉପରେ ତତ୍କାଳ ପ୍ରତିକ୍ରିୟା ରଖିବା, ବିତର୍କ କରିବା ଏବଂ ସୃଜନଶୀଳ ମାନଙ୍କ ସହ ମ୍ୟାଚ୍ ରାତିକୁ ଉପଭୋଗ କରିବା ପାଇଁ ଏକ ସୁଯୋଗ ଦେଉଛି, ଯାହାକି ୧୨ଟି ଜାତୀୟ ଷ୍ଟ୍ରିମ ମାଧ୍ୟମରେ ପ୍ରସାରିତ ହେବ, ଯାହା ଆଜିର ସୋସିଆଲ-ମିଡ଼ିଆ ଯୁଗରେ ଭାରତୀୟ ମାନେ ପ୍ରକୃତରେ କିଭଳି ଫୁଟବଲ ଦେଖୁଛନ୍ତି ତାହାର ପ୍ରତିଫଳନ। ଫିଫା ସହିତ କୋକା-କୋଲାର ଦୀର୍ଘଦିନର ସମ୍ପର୍କ ସଦା ସର୍ବଦା ଫୁଟବଲ ପ୍ରତି ଥିବା ଦେଶର ଉତ୍ସାହ ଏବଂ ଏକତାକୁ ପାଳନ କରିବା ଉପରେ ଆଧାରିତ ରହିଆସିଛି। କୋକା-କୋଲା ମ୍ୟାଚ୍ ଡେ ହ୍ୟାଙ୍ଗ ଆଉଟ ସହିତ ସେହି ଭାବନା ଏବେ ଏକ ନୂତନ ଯୁଗର ସୃଜନଶୀଳ-ନିର୍ଦ୍ଦେଶିତ ଡ଼ିଜିଟାଲ ଫର୍ମାଟରେ ଜୀବନ୍ତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ପ୍ରଯୋଜନା ଏବଂ ଉପସ୍ଥାପନା ଭାରତର ଅନ୍ୟତମ ଅଗ୍ରଣୀ ସ୍ୱାଧୀନ କ୍ରୀଡ଼ା ମଂଚରେ ଭସ୍ପୋର୍ଟସ ଦ୍ୱାରା କରାଯାଉଛି।

# ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ବିକାଶ ନେଇ କର୍ମଶାଳା

ଭୁବନେଶ୍ୱର,୧୮।୬ (ମହାଭାରତ): ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ 'ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ, ଜିଲ୍ଲା ପ୍ରଶାସନ, ଶିଳ୍ପ ଜଗତର ପ୍ରତିନିଧି ଏବଂ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ଉଦ୍ୟୋଗିତା ବିକାଶ ଏବଂ ଆଂଚଳିକ ସମୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଏକ ପ୍ରମୁଖ ମାଧ୍ୟମ ସାଜିବାର ସମସ୍ତ ସାମର୍ଥ୍ୟ ରଖିଛି। ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱସ୍ତରୀୟ ଭିତିଭୂମି, ଉତ୍କୃଷ୍ଟ ସେବା ଓ ପର୍ଯ୍ୟଟକମାନଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ କରି ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ କରିବା ପାଇଁ ସମସ୍ତ ସଂଶ୍ଳିଷ୍ଟ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ମିଳିତ ପ୍ରୟାସ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ସମସ୍ତ ସମ୍ପୃକ୍ତ ବିଭାଗକୁ ପର୍ଯ୍ୟଟନ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ 'ମିଶନ-ମୋଡ୍' ରେ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ପର୍ଯ୍ୟଟନର ଅଭିବୃଦ୍ଧି ସହ ପରିବେଶ ସଂରକ୍ଷଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣ ମଧ୍ୟରେ ସନ୍ତୁଳନ ରକ୍ଷା କଲାଭଳି ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳୀଭିତିକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। କର୍ମଶାଳା ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଦୁଇଟି ପ୍ରସ୍ତାବିତ ପର୍ଯ୍ୟଟନ ସ୍ଥଳୀ — 'ପୁରୀ-କୋଣାର୍କ' ଏବଂ 'ହୀରାକୁଦ' ବିଷୟରେ ଉପସ୍ଥାପନା କରାଯାଇଥିଲା। ଜଗନ୍ନାଥ ସଂସ୍କୃତି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଓଡ଼ିଶାର ସମୁଦ୍ରକୂଳ, ଚିଲିକା ଏବଂ ରଘୁରାଜପୁର ଐତିହ୍ୟ ଗ୍ରାମକୁ କେନ୍ଦ୍ର କରି 'ପୁରୀ-କୋଣାର୍କ' ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ, ଆଧ୍ୟାତ୍ମିକ ଏବଂ ଉପକୂଳ ପର୍ଯ୍ୟଟନ ସ୍ଥଳୀ ଭାବେ ଉପସ୍ଥାପନା କରାଯାଇଥିଲା। ଅନ୍ୟପଟେ, ହୀରାକୁଦ ଜଳାଶୟ ଏବଂ ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଭିତି କରି 'ହୀରାକୁଦ'କୁ ଏକ ଉଚ୍ଚ ସମ୍ଭାବନାମୟ ଇକୋ-ଟୁରିଜିମ୍ (ପରିବେଶ ପର୍ଯ୍ୟଟନ), ଜଳ ପର୍ଯ୍ୟଟନ ଏବଂ ସାହସିକ ପର୍ଯ୍ୟଟନ ସ୍ଥଳୀ ଭାବରେ ଉପସ୍ଥାପନା କରାଯାଇଥିଲା। କର୍ମଶାଳାରେ ଯୋଗଦେଇଥିବା ପ୍ରତିନିଧିମାନେ ପର୍ଯ୍ୟଟନ ସ୍ଥଳୀର ଯୋଜନା ପ୍ରସ୍ତୁତି, 'ଡେଷ୍ଟିନେସନ ମ୍ୟାନେଜମେଂଟ ଅର୍ଗାନାଇଜେସନ' ପ୍ରତିଷ୍ଠା, ଭିତିଭୂମି ବିକାଶ, ପର୍ଯ୍ୟଟକଙ୍କ ପରିଚାଳନା, ସ୍ଥାୟୀତ୍ୱ, ପ୍ରଶାସନିକ ଚୌହଦୀ, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ।



# ବେଲୁଚିସ୍ତାନରେ ବିଦ୍ରୋହ

ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି ।ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିରେ ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ। ଏହି ସୁଯୋଗରେ କାଶ୍ମୀର ପ୍ରସଙ୍ଗରେ ଭାରତ ଜଣେ ସମର୍ଥକ ପାଇପାରିବ ଏବଂ ପାକିସ୍ତାନକୁ ଦୁର୍ବଳ କରିପାରିବ।

# ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ

॥ ଡ. ବାୟାମନୁ ଚର୍ଚ୍ଚି ॥

“ ୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ । ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ୍‌ହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା । ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ । ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ । ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ । ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା । ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା । ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ । ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ । ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ । ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ଓଡ଼ିଶାରୁ ବିଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ । ଏହି ଫିଲିଫ୍-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ । ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା । ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ ।

୧୯୩୩ ମସିହାରେ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା । ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ ‘ରାଜାବାହାଦୂର’ ଉପାଧିପ୍ରାପ୍ତ ହେଲେ । ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ ‘ସାର୍’ ଉପାଧି ପାଇଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ । ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଥିଲେ । ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)

# ରାଗିଙ୍ଗ, ଆଉ କେତେ ନିରୀହ ପିଲାଙ୍କ ଜୀବନ ଗଲାପରେ କର୍ତ୍ତୃପକ୍ଷ ଚେତିବେ ?

॥ ବିଷ୍ଣୁ ପ୍ରସାଦ ଦାସ ॥

ସମ୍ବାଦ ପତ୍ର ଓ ଟିଭିରେ ବେଳେ ବେଳେ ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ଜନିତ ଅକାଳ ମୃତ୍ୟୁ ସମ୍ବାଦ ମନକୁ ଭାରାକ୍ରାନ୍ତ କରିଦିଏ ଓ ଘରଦ୍ୱାର ଛାଡ଼ି ପିଲାଟି ନିଜର ଉଚ୍ଚ ଶିକ୍ଷା ପାଇଁ ଦୂର ଦୁରାନ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ନିଜର ଭବିଷ୍ୟତ ଗଢିବାକୁ ଆସି ଏହି ରାଗିଙ୍ଗ ଜନିତ ମହାମାରୀ କବଳରେ ପଡ଼ିଯାଏ ଅନେକ ଛାତ୍ର/ଛାତ୍ରୀ ଏହାକୁ ସହି ନିଅନ୍ତି ଆଉ କିଛି ଅତ୍ୟାଚାରର ସୀମା ଟପିଗଲେ ନିଜକୁ ନିଜ ଆୟତ୍ତରେ ରଖି ନ'ପାରି ଭୁଲ ପଦକ୍ଷେପ ନେଇଥାନ୍ତି । ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷାନୁଷ୍ଠାନର ଉପର ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ‘ସ୍ୱାଗତଂ’ ଆନୁଷ୍ଠାନିକ ଦୀକ୍ଷା ବା ଚିଂହା ପରିଚୟ ବଦଳରେ ଅମାନୁଷିକ ‘ରାଗିଙ୍ଗ’ର ଶିକାର ହୋଇଥାନ୍ତି , ବେଳେ ବେଳେ ଏହା ଉଗ୍ର ରୂପ ଧାରଣ କରେ ଯାହା କର୍ତ୍ତୃପକ୍ଷ 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ନ୍ୟାୟ ରେ ସମାଧାନ କରିଦେଇଥାନ୍ତି ।ପିଲାଟି କେତେ ସ୍ୱପ୍ନ ନେଇ ପରିବାର ଠାରୁ ଦୂରରେ ରହି କଲେଜରେ ପାଠପଢି ନିଜ ଭବିଷ୍ୟତ ଗଢିବାକୁ ଆସିଥାଏ, ସେ ଯଦି ନିଜର ସହପାଠୀଙ୍କ/ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷକ ବା କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ନିଜ ପ୍ରାଣ ତ୍ୟାଗ କଲା ବା ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା ତେବେ ? ତା'ର ପରିବାର ଉପରେ କ'ଣ ପ୍ରଭାବ ପଡିବ? ସବୁ କ୍ଷେତ୍ରରେ ସହପାଠୀ ମାନଙ୍କୁ ଦୋଷ ଦେଇ ଚୁପ ବସିଗଲେ ହେବ ନାହିଁ , ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ ଅତି କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ , କାରଣ ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିଛନ୍ତି , ଆଇନ ସମସ୍ତଙ୍କ ପାଇଁ ସମାନ କିନ୍ତୁ ଏହି ସବୁ ସ୍ଥାନରେ ବଡ଼ ବଡ଼ିଆ ମାନେ ଖସିଯାଆନ୍ତି ଆଉ ଛୋଟ କର୍ମଚାରୀ ଜାଲରେ ପଡି ଯା'ନ୍ତି ଓ ଛାତ୍ରୀନିବାସର ଜଗୁଆଳି ଯଦି ସ୍ନାନାଗାରରେ ଗୁପ୍ତ କ୍ୟାମେରା ଲଗାଇପାରୁଛି ଏବଂଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଧମକାଇ ପାରୁଛି ତେବେ ତା'କୁ କ'ଣ କର୍ତ୍ତୃପକ୍ଷ ଫୁଲ ଚନ୍ଦନ ଦେଇ ପୂଜା କରିବେ? ନା' ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବେ? ଏଠାରେ କିଏ ଠିକ ଆଉ କିଏ ଭୁଲ ? ନିୟମିତ ବ୍ୟବଧାନରେ ଜଗୁଆଳି ମାନଙ୍କୁ କାହିଁକି ବଦଳି କରାଯାଉ ନାହିଁ ? କିଛି ଛାତ୍ର ଛାତ୍ରୀ ପୁରୁଣା କର୍ମଚାରୀଙ୍କୁ ପାଉଣା ଦେଇ ଗୁପ୍ତରେ ଅନୈତିକ କାର୍ଯ୍ୟ କରି ଥାନ୍ତି ଯାହା କର୍ତ୍ତୃପକ୍ଷ ଜାଣି ବି ଅଜଣା ହେବାର ଛଳନା କରନ୍ତି ଓ ପିତା ମାତା ତଥା ପିଲାର ତତ୍ତ୍ୱାବଧାରକ ବାରମ୍ବାର ଆସି ପିଲା ସହିତ ଦେଖା କରିବା ଉଚିତ , ଖାଲି ମୋବାଇଲ ଫୋନରେ କଥା ବା ଭିଡିଓ ଚାଟ କରିଦେଲେ କ'ଣ ଦାୟିତ୍ୱ ଶେଷ ?ରାଗିଙ୍ଗ ପରି ବିକୃତ ମାନସିକତା ଧୀରେ ଧୀରେ ବଢି ଚାଲିଛି, ସରକାର ନିୟମ କରିଦେଲେ, ସ୍କୁଲ, କଲେଜ କର୍ତ୍ତୃପକ୍ଷ ଆଣ୍ଟି ରାଗିଙ୍ଗ ସେଲ' କଲେ ସେଥିରେ କିଛି ଅଭିଜ୍ଞ ଶିକ୍ଷାବିତ ମାନଙ୍କୁ କମିଟି ଗଢି ଦାୟିତ୍ୱ ଦେଲେ ତା' ପରେ ଆଉ କ'ଣ ରହିଲା? ହଁ ରହିଗଲା, ସେଇଟା ହେଲା ଏହି କମିଟି କୌଣସି ନା' କୌଣସି ଚାପରେ ରହୁଛନ୍ତି ଆଉ ରାଗିଙ୍ଗ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନଙ୍କ ପାଖରେ ଦୃଢ ମନୋବଳ/ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି, ସେମାନଙ୍କ ଉପରେ ଚାପ ସରକାରଙ୍କ ତରଫରୁ ବା ମ୍ୟାନେଜମେଣ୍ଟ / ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କ ପାଖରୁ ଆସେ ତାହା ତଦନ୍ତ ସାପେକ୍ଷ ଓ ହଷ୍ଟେଲ ବା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସବୁ ଜାଣନ୍ତି କିନ୍ତୁ ନିଜର ଦୁର୍ବଳତା ଲୁଚାଇବାକୁ ହେଉ ବା ଭୟ ହେଉ ବା ଦୁର୍ନୀତିର ବଶବର୍ତ୍ତୀ ହୋଇ ଚୁପ ବସି ଥା'ନ୍ତି । ଅନୁଶାସନ ବୋଲି କିଛି ନାହିଁ , ବିଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ଏବେ କୌଣସି ନିୟମ କାନୁନ ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ରାଗିଙ୍ଗକୁ କାଗଜପତ୍ରରେ ଯେତେ ବନ୍ଦ କଲେବି ପ୍ରକୃତ ପକ୍ଷେ ତାହା ଆମ ମାନଙ୍କର ରୁଗ୍ଣ ମାନସିକତା, ଶିକ୍ଷାନୁଷ୍ଠାନର ଚରମ ଅବହେଳା ଏବଂ ପ୍ରଶାସନର କୋହଳ ମନୋବୃତି ଯୋଗୁ ଧୀରେ ଧୀରେ ବୈଷୟିକ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ ହୋଇ ସାଧାରଣ ମହାବିଦ୍ୟାଳୟରେ ପ୍ରବେଶ କରିଗଲାଣି । ରାଗିଙ୍ଗ କାହାପାଇଁ ଖେଳ ତ' ପୁଣି କାହାପାଇଁ ଏହା କାଳ ରେ ପରିଣତ ହେଉଛି ଓ ପ୍ରତିଟି ଜୀବନର ମୂଲ୍ୟ ଅଛି ଏବଂ ପ୍ରତିଟି ଜୀବନକୁ ସୁରକ୍ଷା ଦେବା ଗଣତନ୍ତ୍ର ସରକାରଙ୍କ ଏକ ଦାୟିତ୍ୱ । ଆଇନର ହାତ ଖୁବ ଲମ୍ବା ଆଉ ଆଇନରେ ରାଗିଙ୍ଗ ପାଇଁ ଖୁବ କଠିନ ଦଣ୍ଡ ବ୍ୟବସ୍ଥା ଅଛି ତେଣୁ ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ ଏହିସବୁ କୁପ୍ରଥାକୁ ଯଥା ଶୀଘ୍ର ତ୍ୟାଗ କରନ୍ତୁ, ଯେଉଁମାନେ ରାଗିଙ୍ଗର ଶିକାର ହେଉଛନ୍ତି ସେମାନେ ୟୁ ଜି ସି ର ଟୋଲ ଫ୍ରି ନମ୍ବରକୁ ଜଣାନ୍ତୁ , ନିଜ ଅଭିଭାବକ ମାନଙ୍କୁ ଜଣାନ୍ତୁ , ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ ଅଛି ସମସ୍ତ କର୍ତ୍ତୃପକ୍ଷଙ୍କୁ ମେଲ ଦେବା ସହିତ ନିଜ ଜୀବନକୁ ବିପଦ ଅଛି ବୋଲି ପୋଲିସକୁ ମଧ ଜଣାଇ ପାରିବେ । ଯଦି ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ହେଉ ନାହିଁ ତେବେ ଏହି ଆଣ୍ଟି ରାଗିଙ୍ଗ ସେଲର । ଆବଶ୍ୟକତା କୁଆଡୁ ଆସିଲା ? ଆଉ ଯଦି ଆଣ୍ଟି ରାଗିଙ୍ଗ ସେଲ ଥାଇ ଏବଂ ତାହାର ଦାୟିତ୍ୱରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତି ମାନେ ରାଗିଙ୍ଗକୁ ରୋକି ନ'ପାରୁଛନ୍ତି ତେବେ ଏହି ସେଲକୁ ବନ୍ଦ କରିଦିଅଓ ଯାଉ । ଧର୍ମକୁ ଆଖିଠାର ମାରି ସବୁ ଚାଲିଛି, ଆଉ ନିରୀହ ପିଲା ରାଗିଙ୍ଗର ଶିକାର ହୋଇ ପ୍ରାଣ ତ୍ୟାଗ କରୁଥିବେ, ଆମେ ବସି ଦେଖୁଥିବା । ମାନବିକତା ବିହୀନ ଶିକ୍ଷାର ମୂଲ୍ୟ କ'ଣ ? ଅନେକ ଜାଗାରେ ଶିକ୍ଷାନୁଷ୍ଠାନର ବଦନାମକୁ ଆଖିରେ ରଖି ରାଗିଙ୍ଗକୁ ଅନ୍ୟ ରୂପ ଦେଇ ନଥି ପତ୍ର ବନ୍ଦ କରିଦିଅ ଯାଉଛି, ଏହା କେବଳ ଆମ ରାଜ୍ୟ କଥା ନୁହେ ସାରା ଭାରତବର୍ଷ ରେ ଏହି ପ୍ରକ୍ରିୟା ଚାଲିଛି । ସରକାରଙ୍କୁ ବିନମ୍ର ଅନୁରୋଧ ଏହି ସବୁ ବିଷୟରେ ଟିକେ ଧ୍ୟାନ ଦିଅନ୍ତୁ ।

**ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯**
**ମୋ: ୯୯୩୭୧୭୪୦୯୭**

# ରାଷ୍ଟ୍ରପତି ସମ୍ବିଧାନର ରକ୍ଷକ

॥ ଗୋପବନ୍ଧୁ ॥

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରୀକ । ତାଙ୍କ ନାମରେ ଦେଶର ଶାସନ ଚାଲେ । ତାଙ୍କ ଦସ୍ତଖତ ପରେ କୌଣସି ବିଲ୍ ନିୟମରେ ପରିଣତ ହୁଏ । ସେ ହେଉଛନ୍ତି ସମଗ୍ର ଦେଶର ସମ୍ମାନ ଓ ମର୍ଯ୍ୟାଦାର ପ୍ରତୀକ । ବିଦେଶରେ ଭାରତବର୍ଷ ତାଙ୍କ ନାମକୁ ନେଇବି ଚର୍ଚ୍ଚିତ ହୁଏ । ତାଙ୍କୁ ଦେଖି ବିଦେଶୀମାନେ ଆମ ଦେଶର ସୌର୍ଯ୍ୟ ଓ ପରାକ୍ରମକୁ ଉପଲବ୍ଧି କରନ୍ତି । ତାଙ୍କ ବ୍ୟକ୍ତିତ୍ୱର ଗଭୀରତାରୁ ଭାରତୀୟତାକୁ ଆକଳନ କରନ୍ତି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରପତି କିଛି କମ୍ କଥା ନୁହେଁ ।

ରାଷ୍ଟ୍ରପତି କେବଳ ରବର ଷ୍ଟାମ୍ପ ନୁହଁନ୍ତି । ସେ ହେଉଛନ୍ତି ସମ୍ବିଧାନର ରକ୍ଷାକର୍ତ୍ତା । କେଉଁଠାରେ ସମ୍ବିଧାନର ଉଲ୍ଲଂଘନ ହେଲେ କିମ୍ବା ସମ୍ବିଧାନର ବର୍ହିଭୂତ କାର୍ଯ୍ୟହେଲେ ସରକାରଙ୍କୁ ନାଲିଆଖି ଦେଖାଇବାର କ୍ଷମତା ତାଙ୍କ ପାଖରେ ରହିଛି । ସରକାରଙ୍କୁ ପରାମର୍ଶ ଦେବା ଓ ତ୍ରୁଟିବିଚ୍ୟୁତିକୁ ସୂଚାଇଦେବା ଅଧିକାର ତାଙ୍କ ନୀକଟରେ ରହିଛି । ଦେଶର ପ୍ରଥମ ନାଗରୀକଭାବେ ସେ ଜଣେ ସଚ୍ଚୋଟ, ବିଜ୍ଞ, ନିର୍ଭୀକ ଓ ନିରପେକ୍ଷ ବ୍ୟକ୍ତି ହେବା ଜରୁରୀ । ରାଷ୍ଟ୍ରମୁଖ୍ୟ ପଦ ତାଙ୍କପାଇଁ ବଡ ନୁହେଁ, ରାଷ୍ଟ୍ର ହେଉଛି ତାଙ୍କ ପାଇଁ ବଡ଼ । ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କର ପ୍ରତିଟି ଚିନ୍ତନ, କଥନ ଓ କର୍ମରେ ଉଦଭାସିତ ହେବା ଆବଶ୍ୟକ । ଅତୀତରେ ବହୁ ଗୁଣି, ଜ୍ଞାନୀ ଓ ପ୍ରବୀଣ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ପଦକୁ ଅଳଙ୍କୃତ କରିଛନ୍ତି । ଦେଶର ପ୍ରଥମ ରାଷ୍ଟ୍ରପତି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ । ସେଥିଲେ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଓ ସମ୍ବିଧାନ ପ୍ରଣୟନ ସଭାର ସଭାପତି । ବିଶିଷ୍ଟ ଦାର୍ଶନିକ ଓ ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏହି ପଦକୁ ଅଳଙ୍କୃତ କରିଥିଲେ । ଦେଶର ବିଶିଷ୍ଟ ବୈଜ୍ଞାନିକ ଓ ମିଶାଇଲ ମ୍ୟାନଭାବେ ପରିଚିତ ଡକ୍ଟର ଏ ପି ଜେ ଅବଦୁଲ କାଲାମ ମଧ୍ୟ ଏହି ପଦର ଗାରିମାକୁ ବଢାଇଥିଲେ । ଆହୁରି ଅନେକେ ଆସିଛନ୍ତି ଓ ପଦମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖି ଯାଇଛନ୍ତି । ଅନେକେ ରାଜନୈତିକ ଦଳରୁ ଆସିଥିଲେ ବି ପଦ ଅଳଙ୍କୃତ କଲାପରେ ସମ୍ପୂର୍ଣ୍ଣ ନିରପେକ୍ଷତାର ପରିଚୟ ଦେଇଛନ୍ତି । ଦେଶବାସୀ ଚାହାଁନ୍ତି ଆଗକୁ ବି ଏହା ବଜାୟୀ ରହିବ ଓ ଏ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ରାଜନୈତିକ ଭିଡ଼ାଟଣାରୁ ଉର୍ଦ୍ଧ୍ୱରେ ରଖାଯିବ । ତେଣୁ ସମସ୍ତ ରାଜନୈତିକ ଦଳର ସହମତିରେ ରାଷ୍ଟ୍ରପତିଙ୍କ ଚୟନ ହେବା ସର୍ବୋତ୍କୃଷ୍ଟ ପନ୍ଥା । ରାଷ୍ଟ୍ରପତିଙ୍କ ଚୟନ ପରୋକ୍ଷ ନିର୍ବାଚନ ମାଧମରେ ହୁଏ । ଏଥିରେ ନିର୍ବାଚିତ ସାଂସଦ ଓ ବିଧାୟକମାନେ ଭୋଟ ଦିଅନ୍ତି । ଉପଯୁକ୍ତ ପ୍ରାର୍ଥୀ କିମ୍ବା ପ୍ରାର୍ଥୀନୀଙ୍କୁ ଚୟନ କରାଯିବା ପାଇଁ ମତଦାନକୁ ମୁକ୍ତ ଓ ଗୋପନୀୟ ରଖାଯାଇଛି । କୌଣସି ଦଳ ନିର୍ଦ୍ଦିଷ୍ଟ ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ହୁଇପ୍ ଜାରି କରିପାରିବ ନାହିଁ । ଅବଶ୍ୟ ପାର୍ଟି ସ୍ତରରେ ସିଦ୍ଧାନ୍ତ ହୁଏ କାହାକୁ ଭୋଟ ଦିଆଯିବ ବୋଲି । ଯେହେତୁ ଭୋଟ ଦାନରେ ଗୋପନୀୟତା ରହେ, ତେଣୁ ଏଥିରେ କ୍ରସ୍ ଭୋଟ ମଧ ହୁଏ । ଭୋଟଦାତା ଯଦି ଅନୁଭବ କରେ ଯେ ପାର୍ଟି ଯାହାକୁ କହୁଛି ଭୋଟ ଦେବାପାଇଁ ସେ ପ୍ରାର୍ଥୀ ଠିକ୍ ନୁହେଁ, ସେ ଗୁପ୍ତରେ କ୍ରସ୍ ଭୋଟିଂ କରିପାରିବ । ଅତୀତରେ ଏପରି ହୋଇଛି ।

ଦେଶର ରାଷ୍ଟ୍ରପତି ପଦରେ ଯେଉଁମାନେ ବସିବାକୁ ଚାହୁଁଛନ୍ତି, ସେମାନଙ୍କ ବିଷୟରେ ଦେଶବାସୀ ଜାଣିବା ଜରୁରୀ । ଫଳରେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ତିଆରି ହୋଇପାରିବ । ଜନମତକୁ ସମ୍ମାନ ଜଣାଇବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ନିଶ୍ଚୟ ନୈତିକଭାବେ ବାଧ ହେବେ । ଏ ବାବଦକୁ କେନ୍ଦ୍ରୀୟ ସ୍ତରରେ ତଥା ରାଜ୍ୟ ସ୍ତରରେ ଡିବେଟ୍ ଅନୁଷ୍ଠିତ ହେବା ଉଚିତ୍ ଏବଂ ଏହାକୁ ବୈଦ୍ୟୁତିକ ଗଣମାଧମରେ ସିଧାସଳଖ ପ୍ରସାରିତ କରାଯିବା ଉଚିତ୍ । ପ୍ରାର୍ଥୀମାନଙ୍କୁ ଗୋଟିଏ ମଞ୍ଚରେ ବସାଇ ଜଣେ ଅନ୍ୟଜଣଙ୍କୁ ପ୍ରଶ୍ନ ପଚାରି ଏବଂ ଉପସ୍ଥିତ ଜନତା ପ୍ରାର୍ଥୀଙ୍କୁ ପ୍ରଶ୍ନ ପଚାରି ପ୍ରାର୍ଥୀଙ୍କ ବିଚାରଗତ ତ୍ରୁଟିକୁ ପଦାରେ ପକାଇବାର ସୁଯୋଗ ରହିବା ଅତ୍ୟାବଶ୍ୟକ । ପାଶ୍ଚାତ୍ୟ ଗଣତନ୍ତ୍ରରେ ଏହା ଏକ ବାଧ୍ୟତାମୂଳକ ସୋପାନ । ପ୍ରାର୍ଥୀଙ୍କ ରାଷ୍ଟ୍ରୀୟ ଅବଧାରଣା କଣ ରହିଛି, ସାମାଜିକ ଓ ଧାର୍ମିକ ସମସ୍ୟା ପ୍ରତି ତାଙ୍କ ଆଭିମୁଖ୍ୟ କଣ, ସେ କିପରି ସମ୍ବିଧାନର ରକ୍ଷାକବଚ ବନିପାରିବେ, ଗଣତନ୍ତ୍ରକୁ ମଜଭୁତ କରିବାପାଇଁ ତାଙ୍କର ଯୋଗଦାନ କଣରହିବ ପ୍ରଭୃତି ଏବଂ ଏବାବଦକୁ ତାଙ୍କ ଅତୀତର କାର୍ଯ୍ୟକଳାପ କଣ ରହିଛି ତାହାର ସ୍ୱଷ୍ଟଚିତ୍ର ଲୋକମାନେ ପାଇବାକୁ ହକଦାର ।

ବିଚାରଧାରାର ମାନଦଣ୍ଡରେ ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଯଦି ମପାଯାଏ ତେବେ ସେ ଜଣେ ମାନବବାଦୀ, ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସୀ, ସାମାଜିକ ନ୍ୟାୟର ଅନୁଗାମୀ ଓ ସର୍ବୋପରି ଜଣେ ପ୍ରଗତିଶୀଳ ଚେତନାର ବ୍ୟକ୍ତିବିଶେଷ ହେବା ଆବଶ୍ୟକ । ଯେକି ରାଷ୍ଟ୍ରକୁ ଏକ ଉନ୍ନତ ଶିଖରକୁ ନେଇ ଯିବାର ମାର୍ଗଦର୍ଶନ କରିପାରୁଥିବେ ।

ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ପୁଣି ବଦନାମ୍ ମୁଣ୍ଡାଇଲା ନୟାଗଡ଼ ପୋଲିସ : ମହିଳାଙ୍କୁ ନ୍ୟାୟ ଦେବା ବାହାନାରେ ଶାରୀରିକ ସମ୍ପର୍କ ରଖିଲେ ଶରଣକୁଳ ଆଇଆଇସି, ଅଭିଯୋଗ ପରେ ପୋଲିସ ମୁଖ୍ୟାଳୟକୁ ବଦଳି

ନୟାଗଡ଼, (ମହାଭାରତ) : ପୁଣି ନୟାଗଡ଼ ରେ ଚାଞ୍ଚଲ୍ୟ। ପୁଣି ନୟାଗଡ଼ ପୋଲିସ ମୁଣ୍ଡାଇଲା ବଦନାମ୍। କିଛି ଦିନ ତଳେ ନୟାଗଡ଼ ଖଣ୍ଡପଡ଼ାର ପୂର୍ବତନ ଏସ୍ ?ଡିପିଓ ମଦନ ମୋହନ ପ୍ରଧାନ ଜଣେ ବିବାହିତ ମହିଳା ଙ୍କୁ ପ୍ରେମ ନିବେଦନ କରିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ନୟାଗଡ଼ ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆସିଛି। ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏପରିକି ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ନୟାଗଡ଼ ଏସ୍ ?ପିଙ୍କୁ ଅଭିଯୋଗ କରିଛନ୍ତି ମହିଳା। ଅଭିଯୋଗ ଅନୁସାରେ, ଶରଣକୁଳ ଥାନା ଅନ୍ତର୍ଗତ ଜାମୁସାହି ଅଞ୍ଚଳର ଜଣେ ମହିଳାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ମହିଳା ଜଣକ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସମୟ ଗଡ଼ିବା ସହ ପୁଲିସ ନ୍ୟାୟ ଦେଇ ନ ଥିଲା। ମହିଳା ବାରମ୍ବାର ଥାନାକୁ ଦୌଡ଼ିବା ପରେ ଥାନା ଅଧିକାରୀ ଆଇଆଇସି ସୁଜିତ କୁମାର ଦାସ ତାଙ୍କ ଫୋନ ନମ୍ବର ନେବା ସହ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଇଆଇସି ନ୍ୟାୟ ଦେବେ କ'ଣ, କିଛିଦିନ ପରେ ଫୋନ କରି ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ ମହିଳା ଙ୍କୁ। ଆଇଆଇସି ସୁଜିତ କୁମାର ଦାସ ମହିଳାଙ୍କୁ ଏକ ଭଡ଼ା ଘରକୁ ଡାକି ତାଙ୍କ ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଘଟଣା ପ୍ରଘଟ କଲେ ମିଛ ମାମଲାରେ ଫସାଇଦେବା ଏବଂ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ଆଇଆଇସି। ପୀଡ଼ିତା ଜଣକ ଲୋକଲଜ୍ଜା ଭୟରେ କାହାକୁ କିଛି କହି ନ ଥିଲେ। ଫଳରେ ଥାନା ଅଧିକାରୀ ବାରମ୍ବାର ମହିଳାଙ୍କୁ ହଇରାଣ କରିବାକୁ ଲାଗି ପଡ଼ିଥିଲେ। ବହୁ ସମୟରେ ମହିଳାଙ୍କୁ ଆପତ୍ତିଜନକ ଅବସ୍ଥାରେ ଭିଡିଓ କଲ କରିବା, ଖରାପ ମେସେଜ କରିବା ସହ ଅଶ୍ଳୀଳ ଫଟୋ, ଭିଡିଓ ଛାଡିବା ଏବଂ ବିଭିନ୍ନ ସମୟରେ ହୋଟେଲ ବୁକ୍ କରି ରୁମ କୁ ଡାକିବା ଭଳି ବାଧ୍ୟ ମଧ୍ୟ କରୁଥିବା ନେଇ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଏ ନେଇ ମହିଳା ଜଣକ ବୁଧବାର ନୟାଗଡ଼ ଏସ୍ ?ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେ ନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ଥାନା ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ଲାଗିନାହିଁ। ମହିଳା ଙ୍କ ଅଭିଯୋଗ ଆଧାରରେ ନୟାଗଡ଼ ଏସ୍ପି ତୁରନ୍ତ ନେଇଛନ୍ତି ଆକ୍ସନ। ରାଜ୍ୟ ପୋଲିସ ମୁଖ୍ୟାଳୟର ନିର୍ଦ୍ଦେଶ କ୍ରମେ ବିବାଦୀୟ ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ କୁ ବଦଳି କରିବା ସହ। ଥାନା ଅଧିକାରୀ ଙ୍କ ନାମରେ ମାମଲା ରୁଜୁ ହୋଇ ନିରପେକ୍ଷତା ତଦନ୍ତ କରିବା ପାଇଁ ଜିଲ୍ଲା ପୋଲିସ ହେଡକ୍ୱାର୍ଟର୍ସ ର ଆଇସିୟୁଡବ୍ଲୁ ଡିଏସପି ଙ୍କୁ ଦିଆଯାଇଥିବା ନେଇ କହିଛନ୍ତି ନୟାଗଡ଼ ଏସ୍ପି ଶୁଭେନ୍ଦୁ ପାତ୍ର। ପୂର୍ବରୁ ପୀଡ଼ିତ ମହିଳା ଏକ ମାମଲା ଜେଲ କୁ ଜାଇ ବେଲ୍ ରେ ଆସିଥିବା ମଧ୍ୟ ଜଣାପଡିଛି।





## ଧୁମ୍ ଧାମ୍‌ରେ ଶେଷ ହେଲା ସୁନ୍ଦରଗ୍ରାମ ରଜ ମହୋତ୍ସବ

କଣ୍ଟାପଡ଼ା, (ମହାଭାରତ) : ଓଡ଼ିଶାର ଗଣପର୍ବ ରଜକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ସୁନ୍ଦରଗ୍ରାମଠାରେ ଆୟୋଜିତ ହୋଇଥିବା ତ୍ରି ଦିବସୀୟ 'ରଜ ମହୋତ୍ସବ' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏସ୍.ଜି ସ୍ପୋର୍ଟିଂ କ୍ଲବ ସୁନ୍ଦରଗ୍ରାମ ଆନୁକୂଲ୍ୟରେ ଆୟୋଜିତ ଏହି ଚତୁର୍ଥ ସାଂସ୍କୃତିକ ମହୋତ୍ସବରେ ପାରମ୍ପରିକ ରୀତିନୀତି ସହ ଆଧୁନିକତାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରେ ଏକ ପାର୍ବଣର ପରିବେଶ ସୃଷ୍ଟି ହୋଇଥିଲା।ଉତ୍ସବର ପ୍ରଥମ ଦିନରେ ଗ୍ରାମର ଝିଅ ଓ ବୋହୂମାନଙ୍କ ମଧ୍ୟରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ସାମଗ୍ରୀ (ପିଠାପଣା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯାହା ସମସ୍ତଙ୍କ ମଧ୍ୟରେ ରଜର ଅସଲ ମହକ ବାଣ୍ଟିଥିଲା। ଏହା ସହିତ ପ୍ରଥମ ରାତିରେ ଗ୍ରାମର ଝିଅମାନଙ୍କ ଦ୍ୱାରା ଏକ ବାସ୍ତବଧର୍ମୀ ସାମାଜିକ ନାଟକ ରାମ ପ୍ରସାଦ ମହାନ୍ତି ଙ୍କ ନିର୍ଦ୍ଦେଶନା ଓ ରେଣୁବାଳା ମହାନ୍ତିଙ୍କ ପରିଚାଳନାରେ 'ଆଖି ଦେଖା କଥା' ପରିବେଷଣ କରାଯାଇଥିଲା । ସେମାନଙ୍କର ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି ସାମାଜିକ ନାଟକ 'ଆଖି ଦେଖା କଥା 'ରେ ବାପା ଭୂମିକା ଗ୍ରହଣ କରିଥିବା ସୁନ୍ଦର ଗାଁ ର ଝିଅ ସରୋଜିନୀ ଆଚାର୍ଯ୍ୟ ଓରଫ ରୋଜୀ ଅପାଙ୍କ ଭୂମିକା ବେଶ୍ ଚିତାକର୍ଷକ ଥିଲା ଯାହା ସମସ୍ତ ଦର୍ଶକ ଙ୍କ ମନ ମୋହିତ କରିଥିଲା । ଦ୍ୱିତୀୟ ଦିନରେ ଆଖ ପାଖ ଅଞ୍ଚଳ ରୁ ଆସିଥିବା ବିଭିନ୍ନ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।ଏହି ଗ୍ରୁପ୍ ନୃତ୍ୟ ପ୍ରତିଯୋଗିତାରେ ସୁନ୍ଦରଗ୍ରାମରେ ଗଢ଼ି ଉଠିଥିବା ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ଓ କଳା ବିଦ୍ୟାଳୟ 'ନାଟ୍ୟମନ୍ଦିର'ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଶୀ ନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ଓ ନାଟ୍ୟ ମନ୍ଦିର ବିଦ୍ୟାଳୟର ମୁଖ୍ୟ ଓଡ଼ିଶୀ ରୀତା ମହାନ୍ତି ଯେ କି ଜଣେ ଅସାଧାରଣ ପ୍ରତିଭାବାନ ଏବଂ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ନିଜର ଅକ୍ଳାନ୍ତ ପରିଶ୍ରମ,ସାଧନା ଏବଂ କଳା ପ୍ରତି ଥିବା ସମର୍ପଣ ଭାବ ଯୋଗୁଁ ସେ ଆଜି ଆମ ସଂସ୍କୃତିକୁ ଗୌରବାନ୍ୱିତ କରିବା ସହିତ ସୁନ୍ଦର ଗାଁ ନାମକୁ ତାଙ୍କର ନୃତ୍ୟ କଳାରେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚିଥିବାରୁ ନୃତ୍ୟଶିଳ୍ପୀ ସମ୍ମାନିତ କରାଯାଇଥିଲା । ଆୟୋଜିତ ଏହି ଗ୍ରୁପ୍ ନୃତ୍ୟ ପ୍ରତିଯୋଗିତାରେ ଗୋଟିପୁଅ ଡ୍ୟାନ୍ସ ଗ୍ରୁପ୍ ଦ୍ୱିତୀୟ ସ୍ଥାନ ଓ ଓସିଏନ୍ ଡ୍ୟାନ୍ସ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା । ସେହି ପରି ସୋଲୋ ଡ୍ୟାନ୍ସରେ ଆୟୁଷ୍ମାନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି ଦ୍ୱିତୀୟ ଦିନର ସନ୍ଧ୍ୟାରେ ଓଡ଼ିଆ କମେଡି ତଥା ଲୋକପ୍ରିୟ ହାସ୍ୟ ଅଭିନେତା ପ୍ରଳୟ ମଞ୍ଚ ଉପରେ ନିଜର ହାସ୍ୟ ଅଭିନୟରେ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିବା ଦେଖିବାକୁ ମିଳିଥିଲା । ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ତଥା ଅନ୍ତିମ ଦିନ ରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ ଙ୍କ ଗୀତରେ ସୁନ୍ଦର ଗ୍ରାମର ସମସ୍ତ ଯୁବକ, ଯୁବତୀ ଗ୍ରାମର ବୋହୂମାନେ ସ୍ୱୟମ୍ ପାଢ଼ୀଙ୍କ ଗୀତରେ ମସଗୁଲ ହୋଇ ନାଚିଥିଲେ ।ଏହି ମହୋତ୍ସବରେ ଅତିଥି ଭାବେ ଓଲିଉଡର ଜଣାଶୁଣା ଅଭିନେତା ତଥା ଡାକ୍ତର ଚିନ୍ମୟ ରଞ୍ଜନ ମିଶ୍ର, ସ୍ୱର୍ଣ୍ଣ ପଦକ ବିଜେତା ଗୁରୁ ଏସ. ପି. ବଦ୍ରୀନାଥ, ଦଧିଚି ଗ୍ରୁପ୍ ଅଫ ଇନ୍ଷ୍ଟିଟ୍ୟୁସନ୍ ର ଅଧ୍ୟକ୍ଷ ଡ଼ଃ. ମନୋଜ କୁମାର ଦାଶ , ଇଂ ସୁଶାନ୍ତ କୁମାର ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଅକ୍ଷୟ କୁମାର ମହାନ୍ତି ଏବଂ ପ୍ରାଚୀ ପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏହି ଅବସରରେ ଓଲଟପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଶୁଣ୍ଡିଆ ଯୋଗଦେଇ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଗ୍ରାମର ବୟଜେଷ୍ଠ ବ୍ୟକ୍ତି ତଥା ପ୍ରତିଭାବାନ୍ କୃତି ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁନ୍ଦରଗ୍ରାମ ଏସ୍.ଜି ସ୍ପୋର୍ଟିଂ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗ ଏବଂ ସଂକଳ୍ପ ଯୋଗୁଁ ହିଁ ଏହି ବୃହତ ସାଂସ୍କୃତିକ କାର୍ଯ୍ୟକ୍ରମଟି ଅତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିଛି।



## ବାଲିପାଟଣା ପାଲଟିଛି ଚୋରଙ୍କ ଆଡାସ୍ଥଳି !

ବାଲିପାଟଣା, (ମହାଭାରତ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅଞ୍ଚଳରେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଲିସ କୁ ଆଙ୍ଗୁଠି ଦେଖାଇ ଲୁଟେରାମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇ ଚାଲିଛନ୍ତି। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ସ୍ଥାନୀୟ ପାଣିକଟା ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ହୁଣ୍ଡି ଭାଙ୍ଗି ନଗଦ ପ୍ରାୟ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଆଜି ମନ୍ଦିର ପରିଚାଳନା କମିଟି ତରଫରୁ ବାଲିପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଆଜି ସକାଳୁ ଯେତେବେଳେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସିଥିଲେ, ସେତେବେଳେ ମନ୍ଦିରର ଦାନବାକ୍ସ (ହୁଣ୍ଡି) ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ ।ବାଲିପାଟଣା ଅଞ୍ଚଳରେ ମନ୍ଦିର ଚୋରି ଏବଂ ଲୁଟପାଟ ଘଟଣା ଏବେ ନୂଆ ନୁହେଁ। କିଛି ଦିନ ତଳେ ଦେଉଳିଧରପୁର ବୁଦ୍ଧିକେଶ୍ୱର ମନ୍ଦିରରୁ ଦୁଇ ଦୁଇ ଥରରେ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଦୁଇ ଦିନ ତଳେ କୁଲନ୍ତିରା ଶାସନ ରୁ ବିଜୟ ମଲ୍ଲିକ ଙ୍କ ଗୁହାଳୁ ୧୦ ଟି ଛେଳି,ପାଣି ମଟର ଚୋରି ହୋଇଥିବା ଥାନା ରେ ଅଭିଯୋଗ ହୋଇଥିଲା ! ବାଲିପାଟଣା ପୋଲିସ୍ କୁ ଆସାମୀ ସମ୍ପର୍କ ରେ ସମ୍ପୂର୍ଣ୍ଣ ସୂଚନା ଦିଆ ଯାଇଥିବା ବେଳେ ପୋଲିସ କିନ୍ତୁ ହାତ ବାନ୍ଧି ବସିଚି !ରାଜସ ନୀଳକଣ୍ଠେଶ୍ୱର ମନ୍ଦିରରୁ ମଧ୍ୟ ସମାନ ଶୈଳୀରେ ଦାନ ବାକ୍ସ ଭାଙ୍ଗି ଲୁଟେରାମାନେ ସର୍ବସ୍ୱ ଲୁଟି ନେଇଥିଲେ ।କେବଳ ମନ୍ଦିର ନୁହେଁ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସାଧାରଣ ଲୋକଙ୍କ ଘର ମଧ୍ୟ ଏବେ ସୁରକ୍ଷିତ ନୁହେଁ !ବନମାଳୀପୁର ବାସୁଦେବ ଜୁଏଲାରୀରୁ ପ୍ରାୟ ୭ ଲକ୍ଷ ଟଙ୍କାର ଗ୍ୟାରେଣ୍ଟି ଗହଣା ଲୁଟ୍ ହୋଇଥିବା ବେଳେ, ଅଠାନ୍ତର ମେଡିକାଲ ଛକ ନିକଟସ୍ଥ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଘରୁ ୬ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ଲୁଟ୍ ହୋଇଛି ।ଏକାଧିକ ଚୋରି ଓ ଲୁଟ୍ ଘଟଣା ସତ୍ତ୍ୱେ ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସର ନିଷ୍କ୍ରିୟତା ଏବଂ ଦୁର୍ବଳ ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ହିଁ ଲୁଟେରାମାନେ ବେଫିକର ହୋଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ତୁରନ୍ତ ଏହି ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବା ସହ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜନସାଧାରଣରେ ଦାବି ହେଉଛି।

## ଘରେ ପଶି ଉତ୍ପାତ, ଯୁବକ କୋର୍ଟ ଚାଲାଣ

କାକଟପୁର୧୮/୬ ମହାଭାରତ :କାକଟପୁର ଅଞ୍ଚଳ ରେ ଜଣେ ଯୁବକ ଅପରାହ୍ନ ସମୟରେ ଜଣେ ଯୁବକ ଜଣେ ବ୍ୟକ୍ତି ବିଶେଷ ଙ୍କ ଘରେ ଅବାଧ ପ୍ରବେଶ କରି ତାଙ୍କ ବାସ ଭବନ ରେ ଉତ୍ପାତ ରଚେଇଥିଲେ ।କାକଟପୁର ଥାନା ରେ ଅଭିଯୋଗ ପରେ ପୋଲିସ ଉକ୍ତ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ କାକଟପୁର ଭୂୟାଁସାହି ର ବିଷ୍ଣୁ ଚରଣ ଭୂୟାଁ ଙ୍କ ୨୪ ବର୍ଷ ର ପୁଅ ସତ୍ୟବ୍ରତ ଭୂୟାଁ ଗତ ୧୬ ତାରିଖ ରେ ସେହି ଗ୍ରାମ ର ପ୍ରଶାନ୍ତ ଭୂୟାଁଙ୍କ ଘରେ ଅପରାହ୍ନ ସମୟରେ ଜୋର ଜବରଦସ୍ତ ପ୍ରବେଶ କରିଥିଲେ। ଘରୋଇ ଉପକରଣ ଭଙ୍ଗା ଭାଙ୍ଗି କରିଥିଲେ, ସେତେବେଳେ ପରିବାର ଲୋକ ଘରେ କେହି ନଥିଲେ ମାତ୍ର ପ୍ରଶାନ୍ତ ଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଭୂୟାଁ ଥିଲେ ସେ ଯୁବକଙ୍କୁ ପଚାରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରି ଖରାପ ବ୍ୟବହାର ପଦର୍ଶନ କରିବା ସହ ଜୀବନ ରୁ ମାରି ଦେବାପାଇଁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ୧୭ ତାରିଖ ରେ ଲକ୍ଷ୍ମୀପ୍ରିୟା ଙ୍କ ତରଫରୁ କାକଟପୁର ଥାନା ରେ ଅଭିଯୋଗ ହୋଇଥିଲା, ଥାନା ତରଫରୁ ୨୧୮/୨୬ କେଶ ନମ୍ବର ମାମଲା ପଞ୍ଜିକରଣ କରାଯିବା ପରେ ତଦନ୍ତ କରାଯାଇ ଆଜି ଉକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଯାହାକୁ ନେଇ ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି ।

## ଫାର୍ମାସିଷ୍ଟଙ୍କ ଭରଷାରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

ଆଳି,(ମହାଭାରତ) : ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟସୁବିଧା ଯୋଗାଇ ଦେବା ନିମନ୍ତେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗଠନ କରିଛନ୍ତି ମାତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା କିଭଳି ଚାଲିଛି ତାହା ଦେଖିବାକୁ କେହି ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ନଥିବା ବେଳେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟସେବା। ଆୟୁସ ଡାକ୍ତର ଅଛନ୍ତି ମାତ୍ର ତାଙ୍କ ନିକଟରେ ଚିକିତ୍ସା ହେବାକୁ ରୋଗୀ ନାହାନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ନିମନ୍ତେ ମହୁ ପଞ୍ଚାୟତ ପକ୍ଷରୁ କେନ୍ଦ୍ରାପଡ଼ା ସିଡ଼ିଏମଓ ଙ୍କ ସମେତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି । ମହୁ ପଞ୍ଚାୟତର ସରପଞ୍ଚଙ୍କ ସହ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ମହୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମହୁ, କୋଳିଡିହ, ଅଟାଳ, ସାନଆଙ୍କୋ, ବଡ଼ଆଙ୍କୋ ଅଞ୍ଚଳର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ ଲୋକ ସ୍ୱାସ୍ଥ୍ୟ ସେବା ନିମନ୍ତେ ନିର୍ଭର କରିଥାନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଡାକ୍ତର ନାହାନ୍ତିକ୍ଷ ରୋଗୀମାନେ ଚିକିତ୍ସା ପାଇଁ ଗଲେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚିକିତ୍ସା ଲାଭ କରୁଛନ୍ତି । ଅତି ଜରୁରୀ ରୋଗୀ ଆଳି ନଚେତ କଟକ ବଡ଼ ମେଡିକାଲ ଯାଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁସ ଡାକ୍ତର ଦୀର୍ଘ ୧୮ ବର୍ଷ ହେବ ଅଛନ୍ତି । କିନ୍ତୁ ତାଙ୍କ ନିକଟକୁ ରୋଗୀ ମାନେ ଚିକିତ୍ସା ନିମନ୍ତେ ଯାଉନାହାନ୍ତି। ଆୟୁର୍ବେଦିକ ଚିକିତ୍ସା ନିମନ୍ତେ ରୋଗୀ ମାନେ ପସନ୍ଦ କରୁନଥିବା ବେଳେ ଜଣେ ନିୟମିତ ଡାକ୍ତର ଦରକାର। ନିୟମିତ ଡାକ୍ତର ଏହି ଡାକ୍ତର ଖାନାର ନିୟମିତ ଡାକ୍ତର ଗତ ତିନିମାସ ହେବ ପିଜି କରିବା ନିମନ୍ତେ ପଳାଇବା ପରେ ଏବେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି । ଏଠାରେ ଦୀର୍ଘ ଦିନ ହେବ ରହୁଥିବା ଆୟୁସ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ର ବିକାଶ ନିମନ୍ତେ ଆସୁଥିବା ଅର୍ଥ ବାଟମାରଣା କରୁଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଡାକ୍ତର ଯୋଗାଉଦେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଅନିୟମିତତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ସିଡ଼ିଏମଓ ଉଦେଶ୍ୟରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଣବ ଶୁକ୍ଳଙ୍କୁ ପଞ୍ଚାୟତ ପକ୍ଷରୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ବାସୁଦେବ କର,ରବୀନ୍ଦ୍ର ତରାଇ, ନଗେନ ତ୍ରିପାଠୀ, ବିରଞ୍ଚି ନାରାୟଣ ରାଉତ,ରବିନ୍ଦ୍ର ବିଶ୍ୱାଳଙ୍କ ସହ ଅନ୍ୟମାନେ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ପାରାଦୀପ ବନ୍ଦର ଓ ଭାରତୀୟ ତଟରକ୍ଷୀ ବାହିନୀ ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜିତ

ପାରାଦୀପ, (ମହାଭାରତ) : ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପୂର୍ବରୁ ପାରାଦୀପ ବନ୍ଦର ପ୍ରାଧିକରଣ, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଆର୍ଟ ଅଫ୍ ଲିଭିଙ୍ଗ୍, ପାରାଦୀପ ୟୁନିଟ୍ ମିଳିତ ସହଯୋଗରେ, ପାରାଦୀପ ଠାରେ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ 'ଭରଦ'ରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ବୁଧବାର ସକାଳେ ଆୟୋଜିତ ହୋଇଯାଇଛି। ଏହି ଅଧିବେଶନକୁ ଆର୍ଟ ଅଫ୍ ଲିଭିଙ୍ଗ୍ ପାରାଦୀପ ଶାଖାର ଯୋଗଗୁରୁ ତାପସ ରଞ୍ଜନ ପତି ପରିଚାଳନା କରିଥିଲେ ଏବଂ ଏଥିରେ ଉଭୟ ସଂଗଠନର ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ତଟରକ୍ଷୀ ବାହିନୀ ଜିଲ୍ଲାର କମାଣ୍ଡର ଡିଆଇଜି ସଞ୍ଜୟ ନେଗିଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ର ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ, ତଟରକ୍ଷୀ ବାହିନୀର ଅଧିକାରୀ ଏବଂ ଯୋଗ ପ୍ରେମୀ ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସୁସ୍ଥତା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତି ମିଳିତ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ସମାବେଶକୁ ସମ୍ବୋଧିତ କରି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଶାରୀରିକ ଏବଂ ମାନସିକ ସୁସ୍ଥତା ବୃଦ୍ଧି କରିବାରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏପରି ପଦକ୍ଷେପଗୁଡ଼ିକ ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ କର୍ମଶକ୍ତିକୁ ପ୍ରୋତ୍ସାହିତ କରିଥାଏ। ସୁସ୍ଥତା-ଭିତ୍ତିକ କାର୍ଯ୍ୟକଳାପଗୁଡ଼ିକ ଦୃଢ଼ ସଂସ୍ଥାଗତ ସମ୍ପର୍କ ଗଠନ ଏବଂ ସାମୁଦ୍ରିକ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥାଏ ବୋଲି ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ତଟରକ୍ଷୀ ବାହିନୀ ଡିଆଇଜି ସଞ୍ଜୟ ନେଗି ଏହି ସହଯୋଗମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତି ବଜାୟ ରଖିବାରେ ଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଏପରି ମିଳିତ କାର୍ଯ୍ୟକ୍ରମ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ସହଯୋଗର ମନୋଭାବକୁ ଆହୁରି ସୁଦୃଢ଼ କରିବ।
ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପୂର୍ବରୁ ଦେଶବ୍ୟାପୀ ଏହି ଦିବସ ପାଳନର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସୁସ୍ଥ ଜୀବନଯାପନ ଏବଂ ସାମୂହିକ କଲ୍ୟାଣ ବିଷୟବସ୍ତୁ ପ୍ରତି ସାମୁଦ୍ରିକ ସଂଗଠନଗୁଡ଼ିକର ବର୍ଦ୍ଧିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ସାମୁଦ୍ରିକ ସମ୍ପ୍ରଦାୟ ମଧ୍ୟରେ ସୁସ୍ଥତା ଏବଂ ସହଯୋଗର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ପ୍ରତିଜ୍ଞା ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।



## ବାଇକ ଓ ମୋବାଇଲ ଲୁଟ ଘଟଣାରେ ଜଣେ ଗିରଫ

ବାଲିଚନ୍ଦ୍ରପୁର, (ମହାଭାରତ) : ଗତ ମାର୍ଚ୍ଚ ମାସ ୨୭ ତାରିଖରେ ବନ୍ଧୁକ ଫୁଟାଇ ଭୟଭୀତ କରାଇ ଏକ ବାଇକ ଓ ମୋବାଇଲ ନେଇ ଛୁ ମାରିଥିବା ଘଟଣାରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗତ କାଲି ରାତିରେ ଗିରଫକରି ଆଜି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ମାହାଙ୍ଗା ବ୍ଲକ ତଥା ଭଦରେଶ୍ୱର ଥାନା ଅନ୍ତର୍ଗତ ଇଟାମୁଣ୍ଡୁଳି ଗ୍ରାମର ଦୁର୍ଗା ପ୍ରସାଦ ଖଟୁଆ (୨୪) । ତେବେ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ରଜତ କୁମାର ମଲ୍ଲିକ ଅନ୍ୟ ଏକ ମାମଲାରେ ଚୌଦ୍ୱାର ଜେଲରେ ଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ସନ୍ତୋଷ ରାଉତରାୟ ଫେରାର ଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶଯେ,ଗତ ମାର୍ଚ୍ଚ ୨୭ ତାରିଖ ରାତିରେ ଚାରିନଙ୍ଗଳ ଗ୍ରାମର ସେକ ରିୟାଜ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହିତ ଏହି ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର କରିକଟା ଛକକୁ ଯାଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତ ମାନେ ତାଙ୍କୁ ସେଠାରେ ଅଟକାଇ ବନ୍ଧୁକ ଗୁଳି ଫୁଟାଇ ଭୟଭୀତ କରିଥିଲେ । ପରେ ସେମାନେ ତାଙ୍କ ବାଇକ ଓ ଗୋଟିଏ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ ।

## ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟ ପାଇଁ ସାମୁଦାୟିକ ସଂପୃକ୍ତି କାର୍ଯ୍ୟକ୍ରମ



ରାଇରଙ୍ଗ, (ମହାଭାରତ) : ରାଇରଙ୍ଗ ବ୍ଲକ ଠାରେ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ସରକାରୀ ଯୋଜନା ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ଓ ପ୍ରସାର କରାଯାଉଥିବା । ସେକେ ରାଇରଙ୍ଗ ବ୍ଲକ ପରିସର ମଧ୍ୟରେ ଶତାଧିକ ଅନୁସୂଚିତ ଜାତି ଓ ଜନଜାତି ଏହି ବିକାଶ ଧାରା ଓଡ଼ିଶା ସାରା ରେ ଯୋଗ ଦେଇ ଥିଲେ । ମୁଖ୍ୟ ଅତିଥି ଭାବେ ଏସସିସି ଚେୟାରମେନ ବାସନ୍ତୀ ମାଝୀ, ସାଂସଦ ପ୍ରତିନିଧି ପ୍ରିତି ସ୍ମିତା ମହାପାତ୍ର, ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହଜିଳନ, ଜନଜାତି ସଭାପତି ସୁବର୍ଣ୍ଣ ଗଣ,ଗଣ୍ଡଗ୍ରାମ ବିକାଶ ମଣ୍ଡଳ ସଭାପତି ମଣିରାମ ଗଣ ଅନୁସୂଚିତ ଜାତି ସଂଘ ସଭାପତି ଶ୍ରୀରାମ ସୁନାନୀ ସମ୍ପାଦକ ସନ୍ତୁରାମ ହରିଜନ ଗଣ୍ଡା ସମାଜ ସଭାପତି ରାଜେନ୍ଦ୍ର ନାଗେଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ, 'ଜନଜାତୀୟ ଗରିମା ଉତ୍ସବ-୨୦୨୬' ଅନ୍ତର୍ଗତ 'ଜନ ଭାଗିଦାରୀ ଅଭିଯାନ' ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇଛି । ଏହି ଅଭିଯାନ ମଇ ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେବାକୁ ଥିବାବେଳେ । ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଜନଜାତି ସମ୍ପ୍ରଦାୟର ସଶକ୍ତିକରଣ ଏବଂ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯାହା ରାଜ୍ୟ ସରକାରଙ୍କ ବିକାଶମୂଳକ ପ୍ରକଳ୍ପ ସହ ସମନ୍ୱିତ ହୋଇଛି । ପରିଶେଷରେ ଦକ୍ଷ ଅର୍ଜନ କରିଥିବା ଜେକଣେ, ଲକ୍ଷ୍ମୀ ମୁର୍ମୁରା ସଫଳ କୃଷକ ଭାବେ ଉଦ୍ୟାନ ବାଘ, କମଳ ଗଣ,କାଠ ବଢ଼େଇ ଭାବେ କବିରାଜ ସୁନାନୀ,ସଙ୍ଗୀତ ରେ ଚିତ୍ରସେନ ଦୁର୍ଗା,ସାମାଜିକ କର୍ମୀ ଭାବରେ ଲକ୍ଷ୍ମଣ ନାୟକ , ଅନୁଚିତ ଜାତି ର ଦକ୍ଷ ସାମାଜିକ ଭାବେ ଲଳିତ ସୁନାନୀ ଙ୍କୁ ସମ୍ମାନିତ କରିଥିଲେ ।

## ବିଦ୍ୟୁତ ବିଭ୍ରାଟକୁ ନେଇ ଜନ ଅସନ୍ତୋଷ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ର ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମୋନହରପୁର,ପଣସଡ଼ିହା ,ଗୟଳମୁଣ୍ଡା ଆଦି ୩ ଗୋଟି ଗ୍ରାମପଞ୍ଚାୟତ ରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଉପଭୋକ୍ତା ମାନେ ଅତିଷ୍ଠ ହୋଇ ଗୁରୁବାର ଦିନ ଠାକୁରମୁଣ୍ଡା ଠାରେ ଥିବା ବିଦ୍ୟୁତ କାର୍ଯ୍ୟାଳୟ କୁ ଶତାଧିକ ଉପଭୋକ୍ତା ଘେରାଉ କରିବା ସହ ନିର୍ବାହୀ ଯନ୍ତ୍ରୀ ଙ୍କୁ ଠାକୁରମୁଣ୍ଡା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଙ୍କ ମାଧ୍ୟମ ରେ ବିଦ୍ୟୁତ ସମସ୍ୟା ସମ୍ବଳିତ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି ।ଆଗାମୀ ୧ ମାସ ମଧ୍ୟରେ ବିଦ୍ୟୁତ ସମସ୍ୟା ର ସମାଧାନ କରିବାକୁ ଦାବୀ କରିଛନ୍ତି ।ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବୀ ପୂରଣ ନ ହେଲେ ଏହି ଜନ ଅସନ୍ତୋଷ ତୀବ୍ରତର ହେବ ବୋଲି ଉଲ୍ଲେଖ କରିଛନ୍ତି । ସୂଚନା ଅନୁଯାୟୀ ସୀମାନ୍ତ ଏହି ୩ ଟି ଗ୍ରାମପଞ୍ଚାୟତ ର ଗ୍ରାମ ଗୁଡିକୁ ଠାକୁରମୁଣ୍ଡା ବିଦ୍ୟୁତ ବିଭାଗ ( ଟି ପି ଏନ ଓ ଡି ଏଲ) ଅଧିନ ରେ ବିଦ୍ୟୁତ ଯୋଗାଇ ଦିଆ ଯାଇଛି ।ସାମାନ୍ୟ ପବନ ଓ ବିଜୁଳି ମାରିଲେ ୨/୩ ଦିନ ଧରି ବିଦ୍ୟୁତ ମିଳିନଥାଏ ।ଫଳରେ ଉପଭୋକ୍ତା, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ର କମ୍ପ୍ୟୁଟର କାମ ବନ୍ଦ ହୋଇ ଯାଇଥାଏ ଫଳରେ ଲୋକେ ଅସୁବିଧା ରେ ସମ୍ମୁଖୀନ ହୋଇଥାନ୍ତି ।ଏଥି ସହିତ ପାନୀୟ ଜଳ ଟାଙ୍କି ର ମୋଟର ଚାଲି ନ ପରିବାରୁ ଲୋକେ ପାଣି ପାଇ ପରିନଥାନ୍ତି। ୩ ଗୋଟି ଗ୍ରାମପଞ୍ଚାୟତ ର ବିଦ୍ୟୁତ ଲାଇନ ପାଇଁ କେବଳ ଗୟଳମୁଣ୍ଡା ଠାରେ ବ୍ରେକର ଲଗାଯାଇଛି ।ଯଦି କେଉଁ ଠାରେ ବିଦ୍ୟୁତ ସମସ୍ୟା ହୁଏ ତେବେ ଗୟଳମୁଣ୍ଡା ମୁଣ୍ଡା ଠାରେ ଲାଗିଥିବା ବ୍ରେକର କୁ ଯାଇ କାଟିବା ପାରେ ବିଦ୍ୟୁତ କର୍ମଚାରୀ ମରାମତି କାର୍ଯ୍ୟ କରିଥାନ୍ତି। ଫଳରେ ଏଥି ପାଇଁ ଅନ୍ୟ ଗ୍ରାମ ଗୁଡିକ ବିଦ୍ୟୁତ କାଟ ର ସମ୍ମୁଖୀନ ହୋଇଥାନ୍ତି । ଏଣୁ ଗୟଳମୁଣ୍ଡା ର ପୁରୁଣାପାଣି ଠାରେ ଥିବା ବ୍ରେକର ଉଠାଇ ସମସ୍ତ ବ୍ରାଞ୍ଚ ଲାଇନ ଗୁଡ଼ିକ ରେ ବ୍ରେକର ଲଗାଇ ବାକୁ ଦାବୀ କରିଛନ୍ତି ।ଏଥି ସହିତ ଯେଉଁ ଖୁଣ୍ଟ ଗୁଡିକରୁ ବିଦ୍ୟୁତ ତାର ଝୁଲି ପଡିଛି ତାହା ଠିକ କରିବାକୁ ମଧ ଦାବୀ ରଖିଛନ୍ତି।

## ଗଣିଆରେ ଦନ୍ତା ହାତୀର ଉତ୍ପାତ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳରେ ଏବେ ହାତୀ ଆତଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଗୋଟିଏ ବଡ଼ ଦନ୍ତା ହାତୀ ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଉତ୍ପାତ ଚଳାଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀକୁ ଗତିବିଧି ଉପରେ ନଜର ରଖିବା ଏବଂ ତାକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ପାଇଁ ନାକେଦମ ହେଲେଣି ବନ କର୍ମଚାରୀ। ବନ ବିଭାଗର ସୂଚନା ଅନୁଯାୟୀ, ମହାନଦୀ ପାର ହୋଇ ନରସିଂହପୁର ପାର୍ଶ୍ୱରୁ ଖାଦ୍ୟ ଅନ୍ୱେଷଣରେ ଏହି ଦନ୍ତା ହାତୀଟି ଗଣିଆ ବ୍ଲକ ଅଞ୍ଚଳକୁ ଚାଲିଆସିଛି। ହାତୀଟି ସ୍ଥାନୀୟ ଚାଷଜମିରେ ପଶି ଫସଲ ନଷ୍ଟ କରିବା ସହ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ରାତି ହେଲେ ହାତୀଟି ଜନବସତି ଆଡ଼କୁ ମୁହାଁଉଥିବାରୁ ଗ୍ରାମବାସୀମାନେ ଭୟରେ ରାତି ଅନିଦ୍ରା ହୋଇ ରହୁଛନ୍ତି। ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଗଣିଆ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦିନରାତି ପାଟ୍ରୋଲିଂ କରୁଛନ୍ତି। ସ୍ଥାନୀୟ ଲୋକଙ୍କୁ ସନ୍ଧ୍ୟା ପରେ ଜଙ୍ଗଲ ଆଡ଼କୁ ନଯିବା ଏବଂ ସତର୍କ ରହିବା ପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ହାତୀକୁ ଜନବସତିଠାରୁ ଦୂରେଇ ରଖିବା ପାଇଁ ବନ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ବାଜା ବଜାଇ ପ୍ରୟାସ ଜାରି ରଖିଛନ୍ତି। ନରସିଂହପୁର ଆଡୁ ଖାଦ୍ୟ ସନ୍ଧାନରେ ଆସିଥିବା ଏହି ଦନ୍ତା ହାତୀଟି ଉପରେ ତୀକ୍ଷ୍ଣ ନଜର ରଖିଛି ବନ ବିଭକ୍ଷଗ । ସେ ଯେପରି କୌଣସି ଧନଜୀବନର କ୍ଷତି ନ କରି ଖୁବ୍ ଶୀଘ୍ର ତାକୁ କିଭଳି ଜଙ୍ଗଲକୁ ଫେରାଇ ନିଆଯିବ, ସେଥିପାଇଁ ବନ କର୍ମଚାରୀମାନେ ନିରନ୍ତର ଚେଷ୍ଟା ଚଳାଇଛନ୍ତି।

## ପାରାଦୀପ ସାରସ୍ୱତ ଶାଖା ସଂଘର ପ୍ରତିଷ୍ଠାତା ସଦସ୍ୟ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ପରଲୋକ

ପାରାଦୀପ, (ମହାଭାରତ) : ଶ୍ରୀ ଠାକୁର ନିଗମାନନ୍ଦ ମହାରାଜଙ୍କ ଜଣେ ନିଷ୍ଠାବାନ ଭକ୍ତ ତଥା ପାରାଦୀପ ସାରସ୍ୱତ ଶାଖା ସଂଘର ଅଗ୍ରଣୀ ସଦସ୍ୟ ମହେନ୍ଦ୍ର କୁମାର ବିଶ୍ୱାଳଙ୍କର ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳ ଅନ୍ତର୍ଗତ ଚଢେଇଗୁଆଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ପାରାଦୀପ ବନ୍ଦର ଟ୍ରଷ୍ଟର ବିଦ୍ୟୁତ ବିଭାଗରେ ଦୀର୍ଘଦିନ ଚାକିରି କରି ଅବସର ଗ୍ରହଣ କରିଥିଲେ। ଚାକିରି କାଳରେ ସେ ୧୯୭୦ ମସିହାରେ ପୁରୀ ଜିଲ୍ଲାର ବିରତୁଙ୍ଗ କେନ୍ଦ୍ର ଆସନସ୍ଥ ନୀଳାଚଳ ସାରସ୍ୱତ ସଂଘ ସହ ଅନୁବନ୍ଧିତ ପାରାଦୀପ ସାରସ୍ୱତ ଶାଖା ସଂଘର ଗଠନ ଓ ମନ୍ଦିର ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ କେବଳ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ମହାରାଜଙ୍କ ଜଣେ ଭକ୍ତ ନଥିଲେ, ବରଂ ଜଣେ ସମାଜସେବୀ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ପାରାଦୀପ ସାରସ୍ୱତ ଶାଖା ସଂଘର ଭକ୍ତବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବିଶ୍ୱାଳଙ୍କ ପରିବାରରେ ତାଙ୍କ ପତ୍ନୀ, ତିନି ଝିଅ, ଜାମାତାମାନେ ଏବଂ ଏକମାତ୍ର ପୁତ୍ର ରହିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଭତ୍ତା ବଣ୍ଟନରେ ବିଳମ୍ବକୁ ନେଇ ବିଷମକଟକରେ ବିଏସପିର ବିକ୍ଷୋଭ

ବିଷମକଟକ, : ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନରେ ଦୀର୍ଘ ତିନି ମାସର ବିଳମ୍ବ ପ୍ରତିବାଦରେ ରାୟଗଡା ଜିଲ୍ଲା ବିଷମକଟକରେ ବହୁଜନ ସମାଜ ପାର୍ଟି (ବିଏସପି) ପକ୍ଷରୁ ବୁଧବାର ଏକ ବିକ୍ଷୋଭ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଦଳର ଅଭିଯୋଗ ଅନୁଯାୟୀ, ବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଓ ଅନ୍ୟାନ୍ୟ ହିତାଧିକାରୀମାନେ ଗତ ତିନି ମାସ ଧରି ଭତ୍ତା ପାଇ ନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ବିଏସପି ପ୍ରଭାରୀ ରାମଦାସ ଟାକ୍ରୀଙ୍କ ତ□ତ୍ତ୍ୱାବଧାନରେ ଆୟୋଜିତ ଏହି ବିକ୍ଷୋଭରେ ବିଷମକଟକ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ପ୍ରତିବାଦକାରୀମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କର ବୋଲି ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଟାକ୍ରୀ କହିଥିଲେ ଯେ, ଭତ୍ତା ବଣ୍ଟନରେ ବିଳମ୍ବ ହେବା ଫଳରେ ଗରିବ ଓ ଅସହାୟ ଲୋକମାନେ ଆର୍ଥିକ ସଙ୍କଟରେ ପଡୁଛନ୍ତି। ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରି ନିୟମିତ ଭାବେ ଭତ୍ତା ପ୍ରଦାନ ସୁନିଶ୍ଚିତ




କରିବାକୁ ସେ ଦାବି କରିଥିଲେ। ଏସଟି ସେଲ ଅଧ୍ୟକ୍ଷ ଶ୍ରୀପତି ଉଲ୍ଲାକା କହିଥିଲେ ଯେ, ସାମାଜିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାର ଲାଭ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ନିୟମିତ ଭାବେ ପହଞ୍ଚିବା ଆବଶ୍ୟକ। ଏହି ଅବସରରେ ଭୀମ ପୀଡ଼ିକାକା, ନୀଳାଞ୍ଚଳ ହିମିରିକା, ଲଦା ହିକକା, ସୁମନ୍ତ କରକରିଆ, ଦିବାକର ଟାକ୍ରୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଭତ୍ତା ବଣ୍ଟନରେ ଦୀର୍ଘ ବିଳମ୍ବକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖାଯାଉଛି। ବିଏସପି ପକ୍ଷରୁ ଏହି ପ୍ରସଙ୍ଗରେ ସରକାର ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ହସ୍ତକ୍ଷେପ ଦାବି କରାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି: ଗଜପତି ଜିଲ୍ଲା କାଶୀନଗର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି କାଶୀନଗର ପଞ୍ଚାୟତ ସମିତିର ସମୁଦାୟ ମୋଟ- ୨୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୦ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୦ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୮ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି । ଜଣେ ଦିବ୍ୟାଙ୍ଗଙ୍କୁ ଏହି ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ବି. ସା ୟାମ୍ମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଡମ୍ବରୁଧର ମଲ୍ଲିକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଔଷଧ ଦୋକାନରୁ ଚୋରା ମଦ ଜବତ, ଦୁଇ ଗିରଫ

ବାଲିଚନ୍ଦ୍ରପୁର : ଏକ ଔଷଧ ଦୋକାନ ଭିତରୁ ଚୋରା ମଦ ସହିତ ନଗଦ ଟଙ୍କା ଜବତ କରାଯାଇଛି ।ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଉଜଙ୍ଗ ମେଡିକାଲ ସମ୍ମୁଖରେ ଥିବା ଶାରଳା ମେଡ଼ିସିନ ଦୋକାନରେ ଚୋରା ମଦ କାରବାର ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଗତ କାଲି ରାତି ୯ ଟାରେ ଏହି ମେଡ଼ିସିନ ଦୋକାନରେ ପୋଲିସର ଏକ ଟିମ ଚଢ଼ାଉ କରିଥିଲା । ତେବେ ଏହି ଚଢ଼ାଉ ସମୟରେ ପୋଲିସ ସେହି ଦୋକାନ ଭିତରେ ଥିବା ୪୭.୬୦୦ ଲିଟର ମଦ ସହିତ ୩ ହଜାର ୬୪୦ ଟଙ୍କା ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଷ୍ଟୋର ମାଲିକ ଜୟନ୍ତ କୁମାର ବେହେରା ଓ କର୍ମଚାରୀ ହେମନ୍ତ କୁମାର ମଲ୍ଲିକଙ୍କୁ ଗିରଫ କରିଥିଲା । ଆଜି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଅଦିନେ ମଲ୍ଲୀ ମହକ: ପ୍ରଫୁଲ୍ଲ କରଙ୍କ ସ୍ମୃତି ରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟାରେ ବିଭୋର ହେଲେ ଶ୍ରୋତା




ରାଉରକେଲା : ସାଂସ୍କୃତିକ ଅନୁଷ୍ଠାନ 'ଉତ୍ତମ୍ ଗୀତ ସଂଗୀତ' ଆନୁକୂଲ୍ୟରେ ଓଡ଼ିଶା ର ମହାନ୍ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କର ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏକ ନିଆରା ସଂଗୀତ ସନ୍ଧ୍ୟା ରାଉରକେଲା କ୍ଲବ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପହିଲି ରଜ ଅବସରରେ 'ଅଦିନେ ମଲ୍ଲୀ ମହକ' ଶୀର୍ଷକ ଏହି ସଙ୍ଗୀତ ସନ୍ଧ୍ୟା ରେ ରାଉରକେଲା ସ୍ମାର୍ଟ ସିଟିର ସ୍ୱାଧୀନ ନିର୍ଦ୍ଦେଶିକା ଡ଼ଃ କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।କଳୁଙ୍ଗା ସ୍ଥିତ ଅନାମିକା ଏଣ୍ଟରପ୍ରାଇଜର ସଂସ୍ଥାପକ ଆଶୁତୋଷ ସାହୁ, ଉତ୍ତମ୍ ଗୀତ ସଂଗୀତ ର ପୃଷ୍ଠପୋଷକ ରବୀନ୍ଦ୍ର ବେହେରା, ନିରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ସର୍ବଶ୍ରୀ ଉତ୍ତମ କୁମାର ଖଟୁଆ, ପ୍ରଫୁଲ୍ଲ କୁମାର ମଙ୍ଗଳ, ସତ୍ୟବ୍ରତ ମହାନ୍ତି, ଶୈଳେନ୍ଦ୍ର କୁମାର ମିଶ୍ର,ସତ୍ୟବ୍ରତ ସାହୁ, ରଶ୍ମି ରଞ୍ଜନ ଦାସ, ସୁନିତା ବିଶ୍ୱାଳ, ସଙ୍ଗୀତା ପାତ୍ର ଙ୍କ ସଙ୍ଗୀତ ପରିବେଷଣ ବେଶ୍ ଉଚ୍ଚକୋଟୀର ହୋଇ ଥିଲାୟ ପ୍ରଫୁଲ୍ଲ କର ଙ୍କ ରଚନା, ସ୍ୱର ସଂଯୋଜନା ଏବଂ କଣ୍ଠ ଦାନ ବିଭନ୍ନ ତତ୍କାଳୀନ ଲୋକପ୍ରିୟ ଲଘୁ ସଙ୍ଗୀତ ଓ ଚଳଚ୍ଚିତ୍ର ସଙ୍ଗୀତ ର ସମନ୍ୱୟ କୁ ଶ୍ରୋତା ଗଣ ମନ୍ତ୍ରମୁଗ୍ଧ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲା। ଶେଷ ଶ୍ରାବଣ, ସିନ୍ଦୂର ବିନ୍ଦୁ, ମା ଓ ମମତା ଆଦି ଚଳଚ୍ଚିତ୍ର ତଥା ପ୍ରଫୁଲ୍ଲ କର ଙ୍କ ପ୍ରସିଦ୍ଧ ଲଘୁ ସଙ୍ଗୀତ ଗୁଡିକ ର ପରିବେଷଣ ବେଶ୍ ମନଛୁଆଁ ହୋଇଥିଲା। ରଶ୍ମି ରଞ୍ଜନ ଦାସ ଙ୍କ ମଞ୍ଚପରିଚାଳନା ରେ ଓଡ଼ିଆ କବିତା, ଗୀତି କବିତା ର ସମନ୍ୱୟ ରେ ଓଡ଼ିଆ ସଙ୍ଗୀତ ତତ୍କାଳୀନ ପୃଷ୍ଠଭୂମି ର ବର୍ଣ୍ଣନା କୁ ଶ୍ରୋତା ମଣ୍ଡଳୀ ବିହ୍ୱଳ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲାୟ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥି ଗଣ ଏଭଳି ଏକ ନିଆରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରି ଥିବା ହେତୁ ଅନୁଷ୍ଠାନ ର ସଂସ୍ଥାପକ ବିଶିଷ୍ଟ କଣ୍ଠଶିଳ୍ପୀ ଉତ୍ତମ କୁମାର ଖଟୁଆ ତଥା ଅନୁଷ୍ଠାନ ର ସଦସ୍ୟ ମାନଙ୍କ ର ଭୂରି ଭୂରି ପ୍ରସଂଶା କରି ଥିଲେ।

## ଗଜପତିରେ ବିପଦପୂର୍ଣ୍ଣ ଘାଟି ରାସ୍ତାରେ ୨ ବସ ମୁହାଁମୁହିଁ ଧକ୍କା, ୩ ଗୁରୁତର

ପାରଳାଖେମୁଣ୍ଡି, : ଗଜପତି ଜିଲ୍ଲାର ଏକ ବିପଦପୁର୍ଣ ବୁଲାଣିଆ ଘାଟି ରାସ୍ତାରେ ଆଜି ସକାଳ ୧୦ ଘଣ୍ଟା ସମୟରେ ଦୁଇ ଗୋଟି ବସ୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିବା ବେଳେ ବଡ ଅଘଟଣରୁ ବର୍ତ୍ତି ଯାଉଛନ୍ତି ଦୁଇ ବସରେ ଥିବା ୫୦ ଉର୍ଦ୍ଧ୍ୱ ଯାତ୍ରୀ। ଗଜପତି ଜିଲ୍ଲା ଆର୍ ଉଦୟଗିରି ଥାନା ଶିଆଳିଲଟି ଅଞ୍ଚଳର ବୁଲାଣିଆ ବିପଦପୁର୍ଣ ଘାଟି ରାସ୍ତାର ମେଣ୍ଟିଆମ୍ବ ଗ୍ରାମର ନିକଟରେ ଘଟିଛି ଏହି ସଡ଼କ ଦୁର୍ଘଟଣା। ଗୋଟିଏ ବସ ଗଞ୍ଜାମ ଜିଲ୍ଲାରୁ ଆର୍ ଉଦୟଗିରିକୁ ଯାଉଥିବା ବାଳ କୁମାରୀ ନାମକ ଘୋରୋଇ ବସ ଓ ଅନ୍ୟଗୋଟି ରାୟଗଡ଼ାରୁ ଟିକିଟି ଅଭିମୁଖେ ଯାଉଥିବା ଗିରିଧାରୀ ନାମକ ଘୋରଇ ବସ ମଧ୍ୟରେ ମେଣ୍ଟିଆମ୍ବ ଗ୍ରାମ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଏଥିରେ ତିନିଜଣ ଗୁରୁତର ଆହାତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୁଇ ଗୋଟି ବସର ଅନ୍ୟ ସମସ୍ତ ଯାତ୍ରୀ।

## ଏସଏସଆରଭିଏମ୍‌ର ଚାରିଦିନିଆ ଶ୍ରଦ୍ଧା କାର୍ଯ୍ୟକ୍ରମ



ରାଉରକେଲା: ସେକ୍ଟର ୨୦ ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ଚତୁର୍ଦ୍ଦଶୀୟ ଶ୍ରଦ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏସଏସଆରଭିଏମ୍ ର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଦୂର ମୁମ୍ବାଇରୁ ଶ୍ରେୟା କଦମ ଓ ସୁନିତା ପାରୁଲେକର ଯୋଗଦେଇ ଫର୍ଟିଲାଇଜର, ସେକ୍ଟର ୨୦ ଓ ସେକ୍ଟର ୧୯ ବିଦ୍ୟାମନ୍ଦିରର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୨୬ ବର୍ଷର ଅଭିଜ୍ଞତା ଥିବା ତଥା ଦେଶ ଓ ବିଦେଶରେ ଗୁରୁ ରବିଶଙ୍କରଙ୍କ ଶିକ୍ଷାକୁ ପ୍ରଚାର ପ୍ରସାର କରୁଥିବା ଶ୍ରୀମତୀ କଦମ ମାନସିକ ଅବସାଦମୁକ୍ତ ଶିକ୍ଷା, ଛାତ୍ର ଛାତ୍ରୀଙ୍କୁ ଶାରିରୀକ ଓ ମାନସିକ ସୁସ୍ଥତା ଓ ବୈୟକ୍ତିକ ବିକାଶ ପାଇଁ ତଥା ଶାରିରୀକ ସୁସ୍ଥତା ପାଇଁ ବିଭନ୍ନ ପ୍ରାଣାୟମ ଯୋଗ ଆଦି ଶିକ୍ଷା ଦେବେ। ଏହି କାର୍ଯ୍ୟକ୍ରମ ପାଇଁ ଶୁଦ୍ଧ ଚିତ୍ତ ଓ ମନ,ଭଲ ଚିନ୍ତନ, ଶୃଙ୍ଖଳା, ପ୍ରତିବଦ୍ଧତା, ଟ୍ରେନିଂ ଉପରେ ଗୁରୁତ୍ୱାରୋପ କରିବା ସହ ଶାସନ ଓ ଅନୁଶାସନ ମଧ୍ୟରେ ଥିବା ପାର୍ଥକ୍ୟକୁ ସରଳୀକରଣ କରାଇଥିଲେ।

## ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଦ୍ୱାରା କାର୍ଡ ବଣ୍ଟନ

ରାଉରକେଲା : ଆଜି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନ କ୍ରମେ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ଏହି ଯୋଜନାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଯେଉଁ ହିତାଧିକାରୀମାନେ ୫କେଜି ଚାଉଳ ପାଉଥିଲେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ଅଧିକ ୫କେଜି ଚାଉଳ ପାଇବାର ବ୍ୟବସ୍ଥା କରାଯାଇଛି । ଆଜି ରାଜ୍ୟ ସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଉଦଘାଟନ କରିଥିବା ବେଳେ ଏଠି ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଇସ୍ପାତ ସହରାଞ୍ଚଳରେ ଥିବା ସେକ୍ଟର-୭ ଇ ବ୍ଲକ ନିକଟରେ ଥିବା ବିଶ୍ୱ ଇସ୍ପାତ ମହିଳା ସ୍ୱୟଂ ସହାୟିକା ଗ୍ରୁପ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ହୋଇଛି । ଆଜି ଆୟୋଜିତ ଏକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସାମିଲ ହୋଇଥିବା ଅନେକ ହିତାଧିକାରୀ ମାନଙ୍କୁ ବିଧାୟକ ଶ୍ରୀ ତନ୍ତୀ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରିବାକୁ ଯାଇ ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ତନ୍ତୀ ଗରିବଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ଦୁଃଖକୁ ବୁଝି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି ଏକ ଯୋଜନାର ପରିକଳ୍ପନା କରିଥିଲେ,ଯାହା ଆଜି ବାସ୍ତବ ରୂପ ନେଇଛି । ଏହାଦ୍ୱାରା ଅନେକ ପରିବାରରେ ଆଜି ଆନନ୍ଦର ଲହର ଖେଳିଯାଇଛି । ଆମ ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଚାଲୁଥିବା ଡ଼ବଲ ଇଞ୍ଜିନ ସରକାର ଦୁଃଖୀ ଓ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନଥିବା ସହିତ ଗରିବ ଲୋକଙ୍କ ପାଇଁ ସର୍ବଦା କାର୍ଯ୍ୟ କରିଆସୁଛି ଆଗକୁ ମଧ୍ୟ କରିବ ବୋଲି ଉପସ୍ଥିତ ହିତାଧିକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ବେଦାନ୍ତ ହାଇୱା ଧକ୍କାରେ ବାଇକ ଆରୋହୀ ମୃତ

ଲାଞ୍ଜିଗଡ,(ମହାଭାରତ) : ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଛକ ନିକଟରେ ବେଦାନ୍ତ ପାଉଁଶ ବୋଝେଇ ହାଇୱା ଧକ୍କାରେ ବାଇକ ଆରୋହୀ ମୃତ ଓ ମୃତ ଜଣକ ହେଲେ ନର୍ଲା ଥାନା ଅନ୍ତର୍ଗତ ପାଣିମୁଣ୍ଡା ଗାଁର ଶମ୍ଭୁ ଗୌଡ଼ (୨୫) ବୋଲି ଜଣା ପଡିଛି । ସୂଚନାନୁସାରେ ବେଦାନ୍ତ ପାଉଁଶ ବୋଝେଇ ହାଇୱା ଗାଡି ଛତ୍ରପୁର ଛକ ନିକଟରୁ ପାଉଁଶ ବୋଝେଇ କରି ରାତ୍ର ସାଢେ ୮ ଘଣ୍ଟା ସମୟରେ ବିଶ୍ୱନାଥପୁର ଅଭିମୁଖେ ଯାଉଥିବା ବେଳେ ଶମ୍ଭୁ ଗୌଡ଼ ମଧ୍ୟ ଲାଞ୍ଜିଗଡ ଠାରୁ ବିଶ୍ୱନାଥପୁର ଆଡକୁ ଯାଉଥିଲେ ହେଲେ ହରେକୃଷ୍ଣପୁର ଛକ ନିକଟରେ ପାଉଁଶ ବୋଝେଇ ହାଇୱା ଗାଡିକୁ ବାଇକ ଆରୋହୀ ଅତିକ୍ରମ କରୁଥିବା ସମୟରେ ହାଇୱା ସହିତ ଧକ୍କା ହୋଇ ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ ଓ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ଗୁରୁତର ଶମ୍ଭୁ ଗୌଡ଼ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ଅଧ ବାଟରେ ମୃତ୍ୟୁ ଘଟିଥିବା ବେଳେ ମୃତ ଶରୀରକୁ ପରିବାର ଲୋକେ ଆଜି ଭୋର ସକାଳୁ ବେଦାନ୍ତ ମୁଖ୍ୟ ଗେଟ ସମ୍ମୁଖରେ ରଖି କ୍ଷତିପୂରଣ ପାଇଁ ଧାରଣା ଦେଇଥିଲେ ।ଖବରପାଇ ବେଦାନ୍ତ କର୍ତ୍ତୃପକ୍ଷ ଓ ଲାଞ୍ଜିଗଡ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏସ ଆଇ ଡୋଳାମଣି ବିଶି ପୋଲିସ ବଳ ସହିତ ଘଟଣା ସ୍ଥଳକୁ ଯାଇ ପରିବାର ଲୋକଙ୍କୁ ବୁଝାସୁଝାକରି କ୍ଷତିପୂରଣ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ପ୍ରତିଶୃତିର ୪ଘଣ୍ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ବେଳେ ଶବ ବ୍ୟବଛେଦ ପରେ ପରିବାର କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ବସ୍‌ରୁ ଅନ୍ୟଜଣଙ୍କ ମାଲ ନେଇ ଯୁବକ ଫେରାର

ଅସ୍ତରଙ୍ଗ,(ମହାଭାରତ): ଅସ୍ତରଙ୍ଗ ଅଞ୍ଚଳ ରୁ ଆସିଛି ଏକ ଚାଞ୍ଚଲ୍ୟ କଳା ଭଳି ଖବର, କଟକ ଅସ୍ତରଙ୍ଗ ଗାଡି ରେ ଅସ୍ତରଙ୍ଗ ର ଜଣେ ବ୍ୟବସାୟୀ ଙ୍କ କିଛି ମଟର ସାମଗ୍ରୀ ଆସିଥିଲା ମାତ୍ର ଅନ୍ୟ ଜଣେ ଯୁବକ ଫୋନ ପେ ରେ ଲଗେଜ ପଇସା ଦେଇ ବ୍ୟବସାୟୀ ଙ୍କ ସାମାନ ନେଇ ଚମ୍ପଟ ମାରିଛନ୍ତି। ଯାହାକୁ ନେଇ ଅସ୍ତରଙ୍ଗ ଥାନା ରେ ଉକ୍ତ ବସ କଣ୍ଡକ୍ଟର ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଶନିବାର ଦିନ ଅସ୍ତରଙ୍ଗ କଟକ ଟାଇମ ବସ କଟକ ରୁ ଅସ୍ତରଙ୍ଗ ଆସୁଥିବା ବେଳେ କଟକ ରେ ଜଣେ ବ୍ୟକ୍ତି ମଟର ଉଠାଇଥିଲେ ଓ଼ କଣ୍ଡକ୍ଟର ମଙ୍ଗରାଜ ପ୍ରଧାନ ଙ୍କୁ କହିଥିଲେ ଅସ୍ତରଙ୍ଗ ରେ ବ୍ୟବସାୟୀ ବିଶ୍ୱାଳ ବାବୁ ତାଙ୍କ ମାଲ ସେ ଆସି ନେଇଯିବେ, ବସ ଟି ରାତ୍ର ୮ ଘଟିକା ୩୦ ମିନିଟ ସମୟ ରେ ଅସ୍ତରଙ୍ଗ ରେ ପହଞ୍ଚିଥିଲା ମାତ୍ର ବର୍ଷା ପ୍ରବଳ ହେବାରୁ ସାମାନ ରେ ପ୍ରକୃତ ମାଲିକ ଆସିପାରିନଥିଲେ କି ବସ କର୍ମଚାରୀ ଙ୍କ ସହ ଯୋଗାଯୋଗ କରିପାରିନଥିଲେ, ବସ କର୍ମଚାରୀ ଉକ୍ତ ପେଟି ଗୁଡିକ ଛାତ ଉପରୁ ଆଣି ବସ ଭିତରେ ରଖିଥିଲେ, ରବିବାର ଦିନ ସକାଳ ୬ ଘଟିକା ସମୟ ରେ ଜଣେ ଯୁବକ ଆସି ହଟାତ ଉକ୍ତ ମଟର ମାଗିଲା, ଉକ୍ତ ମଟର ସବୁ ନେଇ ଯିବା ସମୟ ରେ ଟାଇମ ବସ କଣ୍ଡକ୍ଟର ଲଗେଜ ପଇସା ମାଗିବାରୁ ଯୁବକ ଜଣଙ୍କ କହିଥିଲେ ଫୋନ ପେ ରେ ଦେବି, ମାତ୍ର ଉକ୍ତ କଣ୍ଡକ୍ଟର ଙ୍କ ଫୋନ ପେ ନଥିବାରୁ ବିଶ୍ୱାଳ ଗାଡି ଡ୍ରାଇଭର ଙ୍କୁ (୯୯୩୭୮୩୮୭୭୪) ୨୦୦ ଟଙ୍କା ଦେଇ ଦୁଇ ଟି ପେଟି ରେ ଆସିଥିବା ୫ ଗୋଟି ମଟର ଧରି ଫେରାର ହେଇଯାଇଛନ୍ତି। କିଛି ସମୟ ପରେ ସାମାନ ର ପ୍ରକୃତ ମାଲିକ କଣ୍ଡକ୍ଟର ଙ୍କୁ ଯୋଗାଯୋଗ କରି କହିଲେ ଯେ ଆମ ମଟର ତୁମ ଗାଡି ରେ ଆସିଥିଲା ଆମେ ପିଲା ପଠାଉଛୁ ଦିଅନ୍ତୁ, ଏହି ଘଟଣା ପରେ ଟାଇମ ବସ କଣ୍ଡକ୍ଟର ମଙ୍ଗରାଜ ପ୍ରଧାନ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ଦୁଇ ବର୍ଷର ବିକାଶ କାର୍ଯ୍ୟର ସମୀକ୍ଷା




ଗୋଲାମୁଣ୍ଡା,: 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ଗୋଲାମୁଣ୍ଡା ବ୍ଲକ ପରିସରରେ ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ଗତ ଦୁଇ ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷ କରି ପାନୀୟ ଜଳ, ଗ୍ରାମ୍ୟ ରାସ୍ତା ନିର୍ମାଣ,ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପର ଅଗ୍ରଗତି ଉପରେ ଏହି ବୈଠକରେ ଆଲୋକପାତ କରାଯାଇଥିଲା। ଏହାସହ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ଏବଂ ଆଗାମୀ ଦିନ ପାଇଁ ନୂତନ ପ୍ରକଳ୍ପ ଗୁଡ଼ିକର ରୂପରେଖ ପ୍ରସ୍ତୁତ କରାଯାଇଥିଲା।ଏହି ସମ୍ମିଳନୀରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ଅତିରିକ୍ତ ବିଡ଼ିଓ ବିଜୟ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ରାଜେଶ କୁମାର ନାୟକ, ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ ଏବଂ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମଞ୍ଜୁଲତା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଜୟନ୍ତ ସିଂ, ବୈଶାଖୁ କେତକୀ, ପ୍ରମୋଦ ପ୍ରଧାନ, ଗଙ୍ଗା ବିଷ୍ଣୁ ମୁଣ୍ଡ, ଗୋରେଖ ବିଶି, ମୁରଲୀ ମାଝୀ,ମଦନ ପୁଟେଲ, ପୂର୍ଣ୍ଣ ଚନ୍ଦ୍ର ସରାଫ ସମେତ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତି ସଭ୍ୟ-ସଭ୍ୟା ଏବଂ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଓ ଭଦ୍ରବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସରକାର ଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଲୋକଙ୍କୁ ସୂଚନା ଓ ସରକାର ଙ୍କ ଉପଲବ୍ଧି ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା । ସମ୍ମିଳନୀ ଗୃହକୁ ରଙ୍ଗବେରଙ୍ଗର ବେଲୁନ ଏବଂ ସୁଗନ୍ଧିତ ଫୁଲମାଳରେ ସୁସଜ୍ଜିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ମାଇକ୍ ଯୋଗେ ସଭାକୁ ସମ୍ବୋଧିତ କରି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ।

## ଧାନ ଉଠାଣ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଚାଷୀ



ଖଡ଼ିଆଲ(ମହାଭାରତ): ମଣ୍ଡିରୁ ଧାନ ଉଠାଣରେ ଅହେତୁକ ବିଳମ୍ବ ଓ ପ୍ରଶାସନିକ ଉଦାସୀନତାକୁ ନେଇ ଖଡ଼ିଆଳ ଓ ବୋଡ଼େନ ବ୍ଲକରେ ଚାଷୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ନିଜ ହକ୍ ଓ ଅଧିକାର ଦାବିରେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ବସିଥିବା ବେଳେ ଖଡ଼ିଆଳ ବ୍ଲକର ପାଞ୍ଚଟି ମୁଖ୍ୟ ସଡ଼କ ଅବରୋଧ ହୋଇଛି ।ସୂଚନା ଅନୁସାରେ, ୩୫୩ ଜାତୀୟ ରାଜପଥର ସାନମହେଶ୍ୱର ଠାରେ ନୂଆପଡା-ଖଡ଼ିଆଳ ମୁଖ୍ୟ ରାସ୍ତାକୁ ଚାଷୀମାନେ ଅବରୋଧ କରିଛନ୍ତି ।ସେହିପରି ଖଡ଼ିଆଳ ବ୍ଲକ ଛକରେ ଭୋଜପୁର ଅଞ୍ଚଳର ଚାଷୀ, ବରଗାଁରେ ବରଗାଁ ଅଞ୍ଚଳର ଚାଷୀ, ସିନାପାଲି-ଖଡ଼ିଆଳ ମୁଖ୍ୟ ରାସ୍ତାର ଡୁଆଝର ଠାରେ ସ୍ଥାନୀୟ ଚାଷୀ, କଣ୍ଟାବାଞ୍ଜି-ଖଡ଼ିଆଳ ରାସ୍ତାର ଅରେଡ଼ା ଠାରେ ଅରେଡ଼ା ଅଞ୍ଚଳର ଚାଷୀ ଏବଂ ବୋଡେନ-ଖଡ଼ିଆଳ ମୁଖ୍ୟ ରାସ୍ତାର ପଲସଦା ଠାରେ ଡମଝର ଓ ପଲସଦା ଅଞ୍ଚଳର ଚାଷୀମାନେ ଆନ୍ଦୋଳନରେ ସାମିଲ ହୋଇ ଯାତାୟାତ ଠପ୍ କରିଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଉଛି, ମଣ୍ଡିରେ ଧାନ ଦୀର୍ଘଦିନ ଧରି ପଡ଼ି ରହିଥିଲେ ମଧ୍ୟ ଉଠାଣ ହେଉନାହିଁ। ଫଳରେ ବର୍ଷା ଆଶଙ୍କା, ଧାନର ଗୁଣବତ୍ତା ନଷ୍ଟ ହେବା ସହ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ଚାଷୀମାନେ। ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ□ ସମାଧାନ ନ ହେବାରୁ ସେମାନେ ରାଜରାସ୍ତା ଅବରୋଧ ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବା କହିଛନ୍ତି ।ଏହି ଆନ୍ଦୋଳନକୁ ବିଜେଡି ଓ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି। ବିରୋଧୀ ଦଳର ନେତା ଓ କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ।ଚାଷୀମାନେ ସତର୍କ କରି କହିଛନ୍ତି ଯେ, ଶୀଘ୍ର ଧାନ ଉଠାଣ ବ୍ୟବସ୍ଥା ନ କରାଗଲେ ଆନ୍ଦୋଳନ ଆହୁରି ବ୍ୟାପକ ଓ ଭୟାବହ ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଖଡ଼ିଆଲ ବିଧାୟକ ଅଧୀରାଜ ପାଣିଗ୍ରାହୀ, କଂଗ୍ରେସ ବିଧାୟକ ପାର୍ଥ କମଲ ଚରଣ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷ ନନ୍ଦ, ଜିତୁ କୁମାର, ରଣ ବାରିକ, ଦଶମୁ ବେହେରା, ଅଶୋକ କୁମାର ବିଶି, ଜିତେନ୍ଦ୍ର ବେହେରା ସମେତ ଅଞ୍ଚଳର ସହ ସହ ଚାଷୀ ଯୋଗଦେଇଥିଲେ।

# ମାସମାସ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇଲେ ଟ୍ରମ୍ପ-ପେଜେଶକିଆନ



ପ୍ୟାରିସ୍: ବିଶ୍ୱ ରାଜନୈତିକ କ୍ଷେତ୍ରରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି। ଆମେରିକା ରାଷ୍ଟ୍ରପ ଗତ କିଛି ମାସ ଧରି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିପଦପୂର୍ଣ୍ଣ ସାମରିକ ଏବଂ କୂଟନୈତିକ ସଂଘର୍ଷର ଶେଷରେ ଅନ୍ତ ଘଟିଛି ।ତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଏକ ଐତିହାସିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି, ଯାହାକୁ ବିଶ୍ୱ ଶାନ୍ତି ଦିଗରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ଫ୍ରାନ୍ସର ଭର୍ସେଲ୍ସ ପ୍ୟାଲେସରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ରାତ୍ରୀଭୋଜନରେ ଯୋଗ ଦେଇଥିଲେ । ଟ୍ରମ୍ପ ଚୁକ୍ତିନାମାର ହାର୍ଡ କପିରେ ସ୍ୱାକ୍ଷର କରିଥିଲେ ଏବଂ ଗର୍ବର ସହିତ ସାମ୍ବାଦିକମାନଙ୍କୁ 'ଇଟସ୍ ସାଇନଡ୍' ବୋଲି କହିଥିଲେ। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା ଏବଂ ଡିଜିଟାଲ୍ କପିଗୁଡ଼ିକ ତୁରନ୍ତ ଇରାନ ଏବଂ ମଧ୍ୟସ୍ଥତାକାରୀ ଦେଶଗୁଡ଼ିକୁ ପଠାଯାଇଥିଲା। ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ଉଭୟ ଦେଶ ଆଗାମୀ ୬୦ ଦିନ ପାଇଁ ସମ୍ପୂର୍ଣ୍ଣ ସଂଯମତା ଅବଲମ୍ବନ କରିବେ। ଏହି ସମୟ ମଧ୍ୟରେ, ଆମେରିକା ଏବଂ ଇରାନ ଉଭୟ ଏପରି କୌଣସି ସାମରିକ, ଅର୍ଥନୈତିକ କିମ୍ବା ରାଜନୈତିକ କାର୍ଯ୍ୟରୁ ବିରତ ରହିବେ ଯାହା ପାରସ୍ପରିକ ବିଶ୍ୱାସକୁ ଦୁର୍ବଳ କରିପାରେ କିମ୍ବା ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିପାରେ।

ରବିବାର ଦିନ ଏହି ଚୁକ୍ତିନାମାର ମୂଳଦୁଆ ପଡ଼ିଥିଲା, ଯେତେବେଳେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକର ଗାଲିବାଫ ଏହାକୁ ଇଲେକ୍ଟ୍ରୋନିକ୍ ଭାବରେ ସ୍ୱାକ୍ଷର କରିଥିଲେ। ଏବେ, ଦୁଇ ଦେଶର ଆଲୋଚନା ଦଳଗୁଡ଼ିକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଦିନ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଠାରେ ଏହି ଢାଞ୍ଚାକୁ ଏକ ସ୍ଥାୟୀ ଏବଂ ସମ୍ପୂର୍ଣ୍ଣ ଚୁକ୍ତିନାମାରେ ପରିଣତ କରିବା ଉପରେ ଆଲୋଚନା ହେବ।

ଶାନ୍ତି ବଦଳରେ, ଇରାନ ଏହାର ଅର୍ଥନୀତିକୁ ପୁନର୍ଜୀବିତ କରିବା ପାଇଁ କଠୋର ଚୁକ୍ତି କରିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସ୍ପଷ୍ଟ କରିଛନ୍ତି ଯେ, ତେହେରାନକୁ ଏବେ କୌଣସି ପରିବହନ କିମ୍ବା ବୀମା କଟକଣା ବିନା ଅନ୍ତର୍ଜାତୀୟ ବଜାରରେ ଏହାର ତେଲ ବିକ୍ରି କରିବାକୁ ଅନୁମତି ଦିଆଯିବ।

ଏହା ବ୍ୟତୀତ, ଅନ୍ତର୍ଜାତୀୟ କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଅଟକି ରହିଥିବା ଇରାନର ଜମା ହୋଇଥିବା ସମ୍ପତ୍ତିକୁ ଆମେରିକା ପୁନଃସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଛି। ଦେଶର ଆର୍ଥିକ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଇରାନ ତୈଳ ରପ୍ତାନି ରାଜସ୍ୱ ସିଧାସଳଖ ନିଜ ହାତକୁ ନେବାକୁ ଲକ୍ଷ୍ୟ ରଖିଛି।

ଏହି କୂଟନୈତିକ ବିଜୟକୁ ପାଳନ କରାଯାଉଥିବା ବେଳେ, ଆମେରିକାର ଅଧିକାରୀମାନେ ଏକ ଚେତାବନୀ ମଧ୍ୟ ଦେଇଛନ୍ତି। ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ କହିଛନ୍ତି ଯେ, ଏହି ଚୁକ୍ତି କେବଳ ଏକ ପ୍ରାଥମିକ ଢାଞ୍ଚା। ଯଦି ଏହାର ସର୍ତ୍ତାବଳୀ ଉଲ୍ଲଂଘନ କରାଯାଏ ତେବେ ଯେକୌଣସି ପକ୍ଷ ଯେକୌଣସି ସମୟରେ ଚୁକ୍ତିରୁ ଓହରି ଯାଇପାରିବେ। ଜେନେଭାରେ ହେବାକୁ ଥିବା ଆଲୋଚନା ନିର୍ଣ୍ଣୟ କରିବ ଯେ, ଏହି କ୍ଷଣସ୍ଥାୟୀ ଶାନ୍ତି ଏକ ଦୀର୍ଘକାଳୀନ, ଅଖଣ୍ଡ ଚୁକ୍ତିରେ ପରିଣତ ହେବ କି ନାହିଁ।

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସଲାମିକ୍ ଗଣରାଜ୍ୟ ଇରାନ ମଧ୍ୟରେ ଇସଲାମାବାଦ ସ୍ମାରକପତ୍ର ଶୀର୍ଷକ ଏହି ଦଲିଲ୍,ତଥାପି,ଅନୁତ୍ତରିତ ରହିଛି ଏବଂ ଅନେକ ପ୍ରସଙ୍ଗ ଅସମାହିତ ଛାଡ଼ି ଦେଇଛି। ଚୁକ୍ତିନାମାର ପାଠ୍ୟର ଏକ ସଂକ୍ଷିପ୍ତ ସାରାଂଶ ଏଠାରେ ଦିଆଯାଇଛି।

୧.ପ୍ରଥମ ଅନୁଚ୍ଛେଦରେ କୁହାଯାଇଛି ଯେ ଆମେରିକା, ଇରାନ ଏବଂ ସେମାନଙ୍କର ସହଯୋଗୀମାନେ ଲେବାନନ ସମେତ ସମସ୍ତ ମୋର୍ଚ୍ଚାରେ ତୁରନ୍ତ ଏବଂ ସ୍ଥାୟୀ ଭାବରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବେ। ସେମାନେ ଏହା ମଧ୍ୟ ସହମତ ଯେ ଏବେଠାରୁ, ସେମାନେ ପରସ୍ପର ବିରୋଧ କୌଣସି ଯୁଦ୍ଧ କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ, କିମ୍ବା ପରସ୍ପର ବିରୋଧରେ ବଳ ପ୍ରୟୋଗ କିମ୍ବା ଧମକ ଦେବେ ନାହିଁ। ଲେବାନନର କ୍ଷେତ୍ରୀୟ ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସମ୍ମାନ କରାଯିବ।

୨.ଆମେରିକା ଏବଂ ଇସଲାମିକ୍ ଗଣରାଜ୍ୟ ଇରାନ ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବାକୁ ଏବଂ ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରୁ ନିବୃତ୍ତ ରହିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

୩.ଆମେରିକା ଏବଂ ଇରାନ ସର୍ବାଧିକ ୬୦ ଦିନ ମଧ୍ୟରେ ଏକ ଚୂଡ଼ାନ୍ତ ଆଲୋଚନା ସମାଧାନରେ ପହଞ୍ଚିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟସୀମା ପାରସ୍ପରିକ ସମ୍ମତି ଦ୍ୱାରା ବୃଦ୍ଧି କରାଯାଇପାରେ।

୪.ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ, ଆମେରିକା ଏହାର ନୌସେନା ଅବରୋଧ ଏବଂ ଇରାନ ବିରୋଧରେ ଯେକୌଣସି ପ୍ରତିବନ୍ଧକ କିମ୍ବା ପ୍ରତିବନ୍ଧକ ଉଠାଇବା ଆରମ୍ଭ କରିବ ଏବଂ ୩୦ ଦିନ ମଧ୍ୟରେ ନୌସେନା ଅବରୋଧକୁ ସମ୍ପୂର୍ଣ୍ଣ ଭାବରେ ଉଠାଇବ। ଏହି ସମୟ ମଧ୍ୟରେ, ଜାହାଜ ଚଳାଚଳ ଇରାନ ଦ୍ୱାରା ପୁନଃସ୍ଥାପିତ ଯୁଦ୍ଧ ପୂର୍ବ ଟ୍ରାଫିକ ସହିତ ସମାନୁପାତିକ ହେବ। ୩୦ ଦିନ ମଧ୍ୟରେ ଆମେରିକା ଇରାନର ନିକଟବର୍ତ୍ତୀ ଅଞ୍ଚଳରୁ ତାର ସେନା ପ୍ରତ୍ୟାହାର କରିବ।

୫.ଇରାନ ପାରସ୍ୟ ଉପସାଗରରୁ ଓମାନ ସାଗରକୁ ଏବଂ ଏହାର ବିପରୀତ ବାଣିଜ୍ୟିକ ଜାହାଜ ପାଇଁ ସୁରକ୍ଷିତ ପଥ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିବ। ଏଥିପାଇଁ କୌଣସି ଶୁଳ୍କ ନିଆଯିବ ନାହିଁ। ଏହି ବ୍ୟବସ୍ଥା କେବଳ ୬୦ ଦିନ ପାଇଁ ବୈଧ ରହିବ। ବାଣିଜ୍ୟିକ ଜାହାଜଗୁଡ଼ିକ ତୁରନ୍ତ ଆରମ୍ଭ ହେବ, ଏବଂ ଇରାନ ୩୦ ଦିନ ମଧ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବ, ବୈଷୟିକ ଏବଂ ସାମରିକ ପ୍ରତିବନ୍ଧକ ଦୂର କରିବା ଏବଂ ସମୁଦ୍ର ଖଣିର ଆବଶ୍ୟକତାକୁ ବିଚାରକୁ ନେଇ।

ଇରାନ ହରମୁଜ୍ ପ୍ରଣାଳୀରେ ଭବିଷ୍ୟତର ଶାସନ ଏବଂ ସାମୁଦ୍ରିକ ସେବା ନିର୍ଣ୍ଣୟ କରିବା ପାଇଁ ଓମାନ ସହିତ ଆଲୋଚନା କରିବ। ପ୍ରଯୁଜ୍ୟ ଅନ୍ତର୍ଜାତୀୟ ଆଇନ ଏବଂ ହରମୁଜ୍ ପ୍ରଣାଳୀର ଉପକୂଳବର୍ତ୍ତୀ ରାଷ୍ଟ୍ରଗୁଡ଼ିକର ସାର୍ବଭୌମ ଅଧିକାରକୁ ଧ୍ୟାନରେ ରଖି ପାରସ୍ୟ ଉପସାଗର ସୀମାବର୍ତ୍ତୀ ଅନ୍ୟ ଦେଶଗୁଡ଼ିକ ସହିତ ମଧ୍ୟ ଏହା ଉପରେ ଆଲୋଚନା କରାଯିବ।

୬.ଆମେରିକା, ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ସହିତ ସହଯୋଗରେ, ଇରାନର ପୁନଃନିର୍ମାଣ ଏବଂ ଆର୍ଥିକ ବିକାଶ ପାଇଁ ଏକ ବ୍ୟାପକ ଏବଂ ପାରସ୍ପରିକ ସହମତ ଯୋଜନା ବିକଶିତ କରିବାକୁ ପ୍ରତିଜ୍ଞା କରିଛି, ଯାହାର ମୋଟ ମୂଲ୍ୟ ଅତି କମରେ ୩୦୦ ବିଲିୟନ ଡଲାର ହେବ। ଚୂଡ଼ାନ୍ତ ଚୁକ୍ତିର ଅଂଶ ଭାବରେ କାର୍ଯ୍ୟାନ୍ୱୟନ ଯୋଜନା ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ହେବ।

୭.ଆମେରିକା ଚୂଡ଼ାନ୍ତ ଚୁକ୍ତି ଅନୁଯାୟୀ ଇରାନ ଉପରେ ଲାଗୁ ହୋଇଥିବା ସମସ୍ତ ପ୍ରତିବନ୍ଧକକୁ ଉଠାଇ ନେବ, ଯେଉଁଥିରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ, ଆଇଏଇଏ ବୋର୍ଡ ଅଫ୍ ଗଭର୍ଣ୍ଣର୍ସଙ୍କ ଦ୍ୱାରା ପ୍ରସ୍ତାବ ଏବଂ ସମସ୍ତ ଏକପାଖିଆ ଆମେରିକୀୟ କଟକଣା ଅନ୍ତର୍ଭୁକ୍ତ।

୮.ଇରାନ ପରମାଣୁ ଅସ୍ତ୍ର ହାସଲ କିମ୍ବା ବିକାଶ ନକରିବାକୁ ପ୍ରତିଜ୍ଞା କରିଛି। ଆମେରିକା ଏବଂ ଇରାନ ଏହାର ଗଚ୍ଛିତ ସମୃଦ୍ଧ ୟୁରାନିୟମର ନିଷ୍କାସନ ପାଇଁ ଏକ ପାରସ୍ପରିକ ସହମତ ପଦ୍ଧତି ଉପରେ ସହମତ ହୋଇଛନ୍ତି, ଯେଉଁଥିରେ ଆଇଏଇଏ ତଦାରଖରେ ସାମଗ୍ରୀର ସ୍ଥାନରେ ମିଶ୍ରଣ ଅନ୍ତର୍ଭୁକ୍ତ ହେବ।

୯.ଆମେରିକା ଏବଂ ଇରାନ ଏକ ଚୂଡ଼ାନ୍ତ ଚୁକ୍ତିନାମାରେ ପହଞ୍ଚିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ରାଜି ହୋଇଛନ୍ତି। ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖିବ, ଏବଂ ଆମେରିକା କୌଣସି ନୂତନ କଟକଣା ଲାଗୁ କରିବ ନାହିଁ କିମ୍ବା ଏହି ଅଞ୍ଚଳରେ ଅତିରିକ୍ତ ସୈନ୍ୟ ମୁତୟନ କରିବ ନାହିଁ।

୧୦.ଆମେରିକା ପ୍ରତିଶ୍ରୁତି ଦେଇଛି ଯେ, ସ୍ୱାକ୍ଷର କରିବା ପରେ ଏବଂ କଟକଣା ହଟାଇବା ପର୍ଯ୍ୟନ୍ତ, ଆମେରିକାର ଟ୍ରେଜେରୀ ବିଭାଗ ଇରାନର ଅଶୋଧିତ ତୈଳ, ପେଟ୍ରୋଲିୟମ ଉତ୍ପାଦ ଏବଂ ବ୍ୟାଙ୍କିଙ୍ଗ କାରବାର ଭଳି ସମ୍ପର୍କିତ ସେବାର ରପ୍ତାନି ପାଇଁ ଛାଡ଼ ଜାରି କରିବ।

୧୧.ଆମେରିକା ଇରାନର ଫ୍ରିଜ୍ ହୋଇଥିବା ପାଣ୍ଠି ଏବଂ ସମ୍ପତ୍ତିକୁ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଉପଲବ୍ଧ କରିବ। ଆଲୋଚନା ସମୟରେ ଏହି ପାଣ୍ଠି ମୁକ୍ତ କରିବା ପାଇଁ ପ୍ରକ୍ରିୟା ଉପରେ ଆମେରିକା ଏବଂ ଇରାନ ପାରସ୍ପରିକ ଭାବରେ ସହମତ ହେବେ। ଇରାନର କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନିର୍ଣ୍ଣିତ ଯେକୌଣସି ଚୂଡ଼ାନ୍ତ ଲାଭାର୍ଥୀଙ୍କୁ ଦେୟ ପାଇଁ ଏଗୁଡ଼ିକ ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ ହେବ।

୧୨.ଯୁକ୍ତରାଷ୍ଟ୍ର ଏବଂ ଇରାନ ସହମତ ହୋଇଛନ୍ତି ଯେ ଏହି ବୁଝାମଣାପତ୍ରର ସଫଳ କାର୍ଯ୍ୟାନ୍ୱୟନ ଏବଂ ଚୂଡ଼ାନ୍ତ ଚୁକ୍ତିନାମାର ଭବିଷ୍ୟତ ପାଳନ ଉପରେ ନଜର ରଖିବା ପାଇଁ ଏକ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ।

୧୩.ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ, ଯୁକ୍ତରାଷ୍ଟ୍ର ଅନୁଚ୍ଛେଦ ୧, ୪, ୫, ୧୦ ଏବଂ ୧୧ କାର୍ଯ୍ୟକାରୀ କରିବା ଆରମ୍ଭ କରିବ, ଏବଂ ଏହି ପଦକ୍ଷେପଗୁଡ଼ିକର ନିରନ୍ତର କାର୍ଯ୍ୟାନ୍ୱୟନ ସହିତ, ଯୁକ୍ତରାଷ୍ଟ୍ର ଏବଂ ଇରାନ ଅବଶିଷ୍ଟ ଅନୁଚ୍ଛେଦ ଉପରେ ଏକ ଚୂଡ଼ାନ୍ତ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ଆରମ୍ଭ କରିବେ।

୧୪.ଚୂଡ଼ାନ୍ତ ଚୁକ୍ତିନାମା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ର ଏକ ବାଧ୍ୟତାମୂଳକ ପ୍ରସ୍ତାବ ଦ୍ୱାରା ଅନୁମୋଦିତ ହେବ।

## ଘିରେଙ୍କିଙ୍କ ବିଳମ୍ବିତ ଗୋଲ୍‌ରେ ପାନାମାର ହୃଦୟ ଭାଙ୍ଗିଲା: ଘାନାର ବିଜୟ ଅଭିଯାନ

ଟରୋଣ୍ଟୋ: ଏଠାରେ ଖେଳାଯାଇଥିବା ଚଳିତ ବିଶ୍ୱକପ୍‌ର ଗ୍ରୁପ୍-ଏଲ୍'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କାଲେବ ଘିରେଙ୍କିଙ୍କ ବିଳମ୍ବିତ ଗୋଲ୍‌ରେ ପାନାମାକୁ ହରାଇ ଘାନା ଅଭିଯାନ ଆରମ୍ଭ କରିଛି। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଅମିର ମୁରିଲୋଙ୍କ ଏକ ଲୋ କ୍ରସ୍ ପାସ୍‌ରେ ସେସିଲେ ୱାର୍ଟରମ୍ୟାନ୍ ପାନାମା ପାଇଁ ସୁଯୋଗ ଆଣିଥିଲେ। ହେଲେ ଘାନା ଗୋଲି ବେଞ୍ଜାମିନ ଆସେରେ ଡାଇଭ୍ ମାରି ବଲ୍ ଅଟକାଇ ଦେଇଥିଲେ।

ପ୍ରଥମାର୍ଦ୍ଧରେ ପାନାମାର ଅନେକ ପ୍ରୟାସକୁ ନିଷ୍ଫଳ କରିଥିବା ଘାନା ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଘନ ଘନ ଆକ୍ରମଣ କରିଥିଲା। ହେଲେ ପାନାମାର ରକ୍ଷଣଭାଗ ଭେଦ କରିପାରି ନଥିଲା। ତେବେ ଶେଷ ଇନ୍‌ଜୁରି ସମୟରେ ବ୍ରାଣ୍ଡନ ଥୋମାସଙ୍କ ପାସ୍‌କୁ ଗୋଲ୍‌ରେ ପରିଣତ କରି ଘିରେଙ୍କି (୯୦+୫ ମିନିଟ୍) ଘାନକୁ ବିଜୟ ଭେଟି ଦେଇଥିଲେ। ଏଥିସହ ଘିରେଙ୍କି ପ୍ରଥମ ଅନ୍ତର୍ଜାତୀୟ ଗୋଲ୍ କରିବା ପ୍ରଥମ ବିଶ୍ୱକପ୍ ପଏଣ୍ଟ ଆଶାରେ ଥିବା ପାନାମାର ହୃଦୟ ଭାଙ୍ଗି ଦେଇଥିଲେ। ଘାନାର ଏହା ପଞ୍ଚମ ବିଶ୍ୱକପ୍ ହୋଇଥିଲା ବେଳେ ୨୦୧୦ରେ ଦଳ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲା। ୨୦୧୮ରେ ପ୍ରଥମ ଥର ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ପାନାମାର ଏହା ଦ୍ୱିତୀୟ ବିଶ୍ୱକପ୍। ଜୁନ୍ ୨୩ରେ ଘାନା ଭେଟିବ ଇଂଲଣ୍ଡକୁ ଏବଂ ପାନାମା ଭେଟିବ କ୍ରୋଏସିଆକୁ।

## ବାଂଲାଦେଶରେ ଗୁଣ୍ଡାରାଜ୍: ବନ୍ଦ ହେଲା ପ୍ରଭୁ ରାମଙ୍କ ୮୧ ଫୁଟ୍ ଉଚ୍ଚର ସର୍ବବୃହତ୍ ପ୍ରତିମୂର୍ତ୍ତି ନିର୍ମାଣ



ବାଂଲାଦେଶ : ପଡ଼ୋଶୀ ଦେଶ ବାଂଲାଦେଶରୁ ପୁଣି ଏକ ସାଂଘାତିକ ଖବର ସାମ୍ନାକୁ ଆସିଛି, ଯାହା ସେଠାରେ ରହୁଥିବା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ଓ ଧାର୍ମିକ ସ୍ୱାଧୀନତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଂଲାଦେଶର ଗାଏବାନ୍ଧା ଜିଲ୍ଲାରେ ମୌଳବାଦୀଙ୍କ ତୀବ୍ର ବିରୋଧ ଓ ଧମକ ଯୋଗୁଁ ପ୍ରଭୁ ଶ୍ରୀରାମଙ୍କ ଏକ ସର୍ବବୃହତ୍ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ବାଧ ହୋଇ ବନ୍ଦ କରିବାକୁ ପଡ଼ିଛି । ମୌଳବାଦୀଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ସେମାନେ ଏହାର ଜୋରଦାର ପ୍ରତିବାଦ କରିଛନ୍ତି ।

ସୂଚନା ଅନୁଯାୟୀ, ଗାଏବାନ୍ଧା ଜିଲ୍ଲାର ପଲାଶବାରୀ ଅନ୍ତର୍ଗତ କୋମୋରପୁର ଶ୍ରୀଶ୍ରୀ ରାଧା ଗୋବିନ୍ଦ ମନ୍ଦିର ପରିସରରେ ପ୍ରଭୁ ରାମଙ୍କ ଏହି ବିଶାଳ ୮୧ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଥିଲା । ମନ୍ଦିର ସମିତିର ପ୍ରତିଷ୍ଠାତା ଏବଂ ସଭାପତି ହରିଚନ୍ଦ୍ର ଦାସଙ୍କ କହିବା ଅନୁଯାୟୀ, ଏହି ପ୍ରତିମୂର୍ତ୍ତିର ପ୍ରାୟ ୮୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇସାରିଥିଲା । ମାତ୍ର ଏହି ସମୟରେ ସ୍ଥାନୀୟ କିଛି ସଂଖ୍ୟାଗରିଷ୍ଠ ମୌଳବାଦୀ ଗୋଷ୍ଠୀ ଏହାକୁ ଜୋରଦାର ବିରୋଧ କରିବା ସହ ହିଂସାକାଣ୍ଡ ଘଟାଇବାକୁ ଧମକ ଦେଇଥିଲେ । ମୌଳବାଦୀଙ୍କ ଆକ୍ରମଣ ଭୟରେ ଏବଂ ସାମ୍ପ୍ରଦାୟିକ ସ୍ଥିତି ବିଗିଡ଼ିବା ଆଶଙ୍କାରେ ମନ୍ଦିର କର୍ତ୍ତୃପକ୍ଷ ଏବେ ସମ୍ପୂର୍ଣ୍ଣ ଭୟଭୀତ ଅଛନ୍ତି, ଯେଉଁଥିପାଇଁ କାମକୁ ଅଧାରୁ ବନ୍ଦ ରଖାଯାଇଛି । ଏହି ସାଂଘାତିକ ଘଟଣାର ପ୍ରତିବାଦ ଏବେ ବାଂଲାଦେଶର ରାଜଧାନୀ ଢାକାରେ ମଧ୍ୟ ଦେଖିବାକୁ ମିଳିଛି । ଢାକା ବିଶ୍ୱବିଦ୍ୟାଳୟର ସାଧାରଣ ଛାତ୍ରମାନେ ହିନ୍ଦୁମାନଙ୍କ ସପକ୍ଷରେ ବାହାରି ଏକ ବିଶାଳ ମଶାଲ ରାଲି କରିଛନ୍ତି । ସେମାନେ ମୌଳବାଦୀଙ୍କ ଗୁଣ୍ଡାରାଜ୍ ?କୁ ନିନ୍ଦା କରିବା ସହ ପ୍ରଭୁ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି । ଏଭଳି ଘଟଣା ସାରା ବାଂଲାଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ଗୁରୁତର କ୍ଷତି ପହଞ୍ଚାଉଥିବାରୁ, ସେଠାକାର ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ହିନ୍ଦୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି ।

# ଫ୍ରାନ୍ସର ଅଶୁଭ ସ୍ଥାନରେ ଆମେରିକା-ଇରାନ ଶାନ୍ତି ଚୁକ୍ତି

# ୧୦୭ ବର୍ଷ ପୂର୍ବେ ୮ କୋଟି ଲୋକଙ୍କ ମୃତ୍ୟୁର ମୂଳଦୁଆ ପଡ଼ିଥିଲା



ନୂଆଦିଲ୍ଲୀ : ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ, ବିଜୟୀ ରାଷ୍ଟ୍ରଗୁଡ଼ିକ ଜର୍ମାନୀ ଉପରେ ଏପରି ସର୍ତ୍ତାବଳୀ ଲାଗୁ କରିଥିଲେ ଯାହା ଗ୍ରହଣ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରଖିନଥିଲା। ଯୁଦ୍ଧ ଆରମ୍ଭ କରିବା ପାଇଁ ଜର୍ମାନୀକୁ ଦାୟୀ କରାଯାଇଥିଲା। ଏହାଠାରୁ ୨୬,୦୦୦ ବର୍ଗ ମାଇଲରୁ ଅଧିକ ଜମି ଛଡ଼ାଇ ନିଆଯାଇଥିଲା। ଏହାକୁ ବିପୁଳ ଯୁଦ୍ଧ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବେଳେ ବେଳେ ଇତିହାସର ପୁନରାବୃତ୍ତି ହୋଇଥାଏ। ଫ୍ରାନ୍ସର ଭର୍ସେଲ୍ସ ପ୍ରାସାଦ ଏହାର ସଦ୍ୟତମ ଉଦାହରଣ ପାଲଟିଛି। ପ୍ରାୟ ୧୦୭ ବର୍ଷ ପୂର୍ବେ, ଏହି ପ୍ରାସାଦରେ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯାହା ପ୍ରଥମ ବିଶ୍ୱଯୁଦ୍ଧର ଅନ୍ତ କରିଥିଲା ??କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ମୂଳଦୁଆ ପକାଇଥିଲା। ବର୍ତ୍ତମାନ, ଏହି ପ୍ରାସାଦ ପୁଣି ଥରେ ଖବରର ଶିରୋନାମାରେ ଅଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଇତିହାସ ବିଶେଷଜ୍ଞମାନେ ଏହି ମୁହୂର୍ତ୍ତକୁ ସ୍ୱତନ୍ତ୍ର ବୋଲି ମନେ କରୁଛନ୍ତି କାରଣ ୨୮ ଜୁନ୍ ୧୯୧୯ରେ, ଏହି ସମାନ ପ୍ରାସାଦରେ, ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଉଡ୍ରୋ ୱିଲସନ୍ ଭର୍ସେଲ୍ସ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ, ଯାହା ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତ କରିଥିଲା। ବର୍ତ୍ତମାନ, ୧୮ ଜୁନ୍ ୨୦୨୬ରେ, ସେହି ସ୍ଥାନରେ ଆମେରିକା-ଇରାନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ, ବିଜୟୀ ରାଷ୍ଟ୍ରଗୁଡ଼ିକ ଜର୍ମାନୀ ଉପରେ ଏପରି ସର୍ତ୍ତାବଳୀ ଲାଗୁ କରିଥିଲେ ଯାହା ଗ୍ରହଣ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରଖିନଥିଲା। ଯୁଦ୍ଧ ଆରମ୍ଭ କରିବା ପାଇଁ ଜର୍ମାନୀକୁ ଦାୟୀ କରାଯାଇଥିଲା। ଏହାଠାରୁ ୨୬,୦୦୦ ବର୍ଗ ମାଇଲରୁ ଅଧିକ ଜମି ଛଡ଼ାଇ ନିଆଯାଇଥିଲା। ଏହାକୁ ବିପୁଳ ଯୁଦ୍ଧ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଏହାର ବିଦେଶୀ ଉପନିବେଶଗୁଡ଼ିକୁ ପରିତ୍ୟାଗ କରିବାକୁ ଏବଂ ଏହାର ସାମରିକ ଆକାରକୁ ବ୍ୟାପକ ଭାବରେ ହ୍ରାସ କରିବାକୁ ବାଧ୍ୟ କରାଯାଇଥିଲା। ରିପୋର୍ଟଗୁଡ଼ିକ ସୂଚିତ କରେ ଯେ, ଜର୍ମାନ ପ୍ରତିନିଧିମାନେ ଏହି ସର୍ତ୍ତାବଳୀର ପ୍ରତିବାଦ କରିଥିଲେ, କିନ୍ତୁ ସେମାନଙ୍କୁ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ, ଯଦି ସେମାନେ ଚୁକ୍ତି ସ୍ୱାକ୍ଷର ନ କରନ୍ତି, ତେବେ ଗୋଟିଏ ସପ୍ତାହ ମଧ୍ୟରେ ଆଉ ଏକ ଆକ୍ରମଣ ଆରମ୍ଭ ହେବ। ଶେଷରେ, ଜର୍ମାନୀ ସ୍ୱାକ୍ଷର କରିବାକୁ ବାଧ୍ୟ ହୋଇଥିଲା।

ଇତିହାସକାରମାନଙ୍କ ଅନୁସାରେ ଭର୍ସେଲ୍ସ ଚୁକ୍ତି କେବଳ ଜର୍ମାନୀକୁ ଆର୍ଥିକ ଭାବରେ ନୁହେଁ ବରଂ ମାନସିକ ଭାବରେ ମଧ୍ୟ ଧ୍ୱଂସ କରିଥିଲା। ଦେଶ ଭିତରେ କ୍ରୋଧ ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ଆଡଲଫ୍ ହିଟଲର ଏହି ଅସନ୍ତୋଷକୁ ତାଙ୍କର ସବୁଠାରୁ ଶକ୍ତିଶାଳୀ ରାଜନୈତିକ ଅସ୍ତ୍ରରେ ପରିଣତ କରିଥିଲେ। ସେ ଭର୍ସେଲ୍ସ ଚୁକ୍ତିକୁ ଜର୍ମାନୀ ପ୍ରତି ଅନ୍ୟାୟ ବୋଲି ବର୍ଣ୍ଣନା କରିଥିଲେ। କ୍ଷମତାକୁ ଆସିବା ପରେ, ସେ ଏହାର ସର୍ତ୍ତାବଳୀ ଉଲ୍ଲଂଘନ କରିଥିଲେ ଏବଂ ଜର୍ମାନୀକୁ ଏକ ସାମରିକ ଶକ୍ତିରେ ପୁନଃନିର୍ମାଣ କରିବା ଆରମ୍ଭ କରିଥିଲେ। ଏହି ଘଟଣାଗୁଡ଼ିକ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ହୋଇଥିଲା, ଯାହା ପ୍ରାୟ ୭ କୋଟିରୁ ୮ କୋଟି ଲୋକଙ୍କ ଜୀବନ ନେଇଥିଲା। ଏହି କାରଣରୁ, ଭର୍ସେଲ୍ସ ପ୍ରାସାଦକୁ ଏପରି ଏକ ସ୍ଥାନ ଭାବରେ ବିବେଚନା କରାଯାଏ ଯେଉଁଠାରେ ଏକ ଚୁକ୍ତି ବିଶ୍ୱକୁ ଶାନ୍ତି ଆଡ଼କୁ ନେଇନଥିଲା, ବରଂ କିଛି ବର୍ଷ ପରେ ଏକ ବହୁତ ବଡ଼ ଯୁଦ୍ଧ ଆଡ଼କୁ ନେଇଯାଇଥିଲା। କିନ୍ତୁ ଏଥର କାହାଣୀ ଭିନ୍ନ ରହିଛି। ଏଥର ଭର୍ସେଲ୍ସ ପ୍ୟାଲେସରେ ସ୍ୱାକ୍ଷରିତ ଆମେରିକା-ଇରାନ ଚୁକ୍ତିନାମାର ପ୍ରକୃତି ୧୯୧୯ ଚୁକ୍ତିନାମାଠାରୁ ସମ୍ପୂର୍ଣ୍ଣ ଅଲଗା ଅଛି। ସେତେବେଳେ ଜର୍ମାନୀ ଉପରେ ସର୍ତ୍ତାବଳୀ ଲାଗୁ କରାଯାଇଥିଲା। ଏଥର, ଉଭୟ ପକ୍ଷର ସମ୍ମତିରେ ଚୁକ୍ତିନାମା ହୋଇଛି। ୧୯୧୯ ମସିହାରେ, ଲକ୍ଷ୍ୟ ଥିଲା ଜର୍ମାନୀକୁ ଦୁର୍ବଳ କରିବା। ୨୦୨୬ ଚୁକ୍ତିନାମାର ଲକ୍ଷ୍ୟ ହେଉଛି ଯୁଦ୍ଧକୁ ରୋକିବା, ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା। ଜର୍ମାନୀର ଜମି ଛଡାଇ ନିଆଯାଇଥିଲା। କିନ୍ତୁ ଏବେ ଇରାନର ତୈଳ ରପ୍ତାନି ସହାୟତା ଏବଂ କଟକଣାକୁ କୋହଳ କରିବା ପାଇଁ ପଦକ୍ଷେପ ଏହି ଚୁକ୍ତିନାମାର ଅଂଶ ପାଲଟିଛି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଚିନ୍ତା ! ଆଉ ଜଣେ ୧୯ ବର୍ଷୀୟା ନିଟ୍ ଆଶାୟୀଙ୍କ ଆତ୍ମହତ୍ୟା

ତାମିଲନାଡୁ : ଦେଶରେ ନିଟ୍ ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ଓ ପ୍ରଶ୍ନପତ୍ର ଲିକ୍ ମାମଲା ମଧ୍ୟରେ ପୁଣି ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି । ତାମିଲନାଡୁର କୋଏମ୍ବାଟୁର୍ ଜିଲ୍ଲାରେ ଜଣେ ୧୯ ବର୍ଷୀୟା ମେଧାବୀ ନିଟ୍ ଆଶାୟୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ଏସ. ଅନୁନକୀର୍ତ୍ତନା ବୋଲି ଜଣାପଡ଼ିଛି । ପ୍ରଶ୍ନପତ୍ର ଲିକ୍ ଏବଂ ପୁନଃ ପରୀକ୍ଷା ଭୟ ଯୋଗୁଁ ଜଣେ ଯୁବ ଆଶାୟୀଙ୍କ ଏଭଳି ଜୀବନ ଚାଲିଯିବା ଘଟଣା ସମଗ୍ର ଦେଶରେ ତୀବ୍ର ଉତ୍ତେଜନା ଏବଂ ଉଦ୍ ?ବେଗ ପ୍ରକାଶ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଅନୁନକୀର୍ତ୍ତନା ପୂର୍ବରୁ ଦୁଇ ଦୁଇ ଥର ନିଟ୍ ପରୀକ୍ଷା ଦେଇସାରିଥିଲେ ଏବଂ ଡାକ୍ତର ହେବାର ସ୍ୱପ୍ନ ନେଇ ପୁଣି ଥରେ ପରୀକ୍ଷା ଦେବାକୁ ଦୃଢ଼ ପ୍ରସ୍ତୁତି କରୁଥିଲେ । କିନ୍ତୁ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମାମଲା ତାଙ୍କ ମାନସିକ ସ୍ଥିତିକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥିଲା । ପୁଣି ଥରେ ପରୀକ୍ଷା ଦେବାକୁ ପଡ଼ିବାର ଚିନ୍ତା ଓ ଭବିଷ୍ୟତର ଅନିଶ୍ଚିତତା ଯୋଗୁଁ ସେ ଗଭୀର ମାନସିକ ଚାପରେ ଥିଲେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି । ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନଥିବା ବେଳେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅନୁନକୀର୍ତ୍ତନାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ କୋଏମ୍ବାଟୁରରେ ଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଜୋରଦାର୍ ? ବିରୋଧ ପ୍ରଦର୍ଶନ କରାଯାଇଛି । ତାମିଲନାଡୁର ଶାସକ ଦଳ ଡିଏମକେ (ଡଗକ) ଏହି ଘଟଣାକୁ ନେଇ କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନା ସଂସ୍ଥା ବିରୋଧରେ ରାଜ୍ୟବ୍ୟାପୀ ବଡ଼ ଧରଣର ପ୍ରତିବାଦ ପାଇଁ ଘୋଷଣା କରିଛି । ଉଲ୍ଲେଖଯୋଗ୍ୟ ଯେ, ନିଟ୍ ପରୀକ୍ଷାର ମାନସିକ ଚାପ ସହ୍ୟ କରିନପାରି କେବଳ ତାମିଲନାଡୁରେ ହିଁ ଏପର୍ଯ୍ୟନ୍ତ ୨୦ରୁ ଅଧିକ ଆଶାୟୀ ଛାତ୍ରଛାତ୍ରୀ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇ ସାରିଲେଣି, ଯାହା ଶିକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତର ଲଗାତାର ବିଜୟ

## ନେଦରଲ୍ୟାଣ୍ଡକୁ ୯୫ ରନ୍‌ରେ ହରାଇ ରଚିଲା ନୂଆ କୀର୍ତ୍ତିମାନ

ନୂଆଦିଲ୍ଲୀ,୧୮।୬: ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ ଦଳ ଏକ ବଡ଼ ସଫଳତା ହାସଲ କରିଛି। ଦଳଗତ ଚମତ୍କାର ପ୍ରଦର୍ଶନ ବଳରେ ଟିମ୍ ଇଣ୍ଡିଆ ନେଦରଲ୍ୟାଣ୍ଡକୁ ୯୫ ରନ୍‌ରେ ପରାସ୍ତ କରି ଏକ ନୂଆ

**ମନ୍ଧାନା ଓ ସେଫାଳିଙ୍କ ଅର୍ଦ୍ଧଶତକ, ଭାରତ ୨୦୯/୫**

**ନେଦରଲାଣ୍ଡ ୧୧୪**

ଇତିହାସ ରଚିଛି। ରନ୍ ବ୍ୟବଧାନ ଦୃଷ୍ଟିରୁ ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ହେଉଛି ଭାରତୀୟ ମହିଳା ଦଳର ସବୁଠାରୁ ବଡ଼ ବିଜୟ।

ଏହି ହାଇଭୋଲଟେଜ୍ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୯ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଓପନର ସ୍ମୃତି ମନ୍ଧାନା ଏବଂ ଶେଫାଳି ବର୍ମା ପ୍ରଥମ ଉଇକେଟ୍ ପାଇଁ ଶତକୀୟ ଭାଗିଦାରୀ କରି ଦଳକୁ ଏକ ମଜଭୁତ ସ୍ଥିତିକୁ ନେଇଥିଲେ। ବିସ୍ଫୋରକ ବ୍ୟାଟିଂ କରି ସ୍ମୃତି ମନ୍ଧାନା ମାତ୍ର ୪୭ ବଲ୍‌ରୁ ୭୪ ରନ୍‌ର ଏକ ଦମଦାର ଇନିଂସ ଖେଳିଥିଲେ। ଏହି ଇନିଂସ ପାଇଁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଭାବେ ବିବେଚିତ ହୋଇଛନ୍ତି।

୨୧୦ ରନ୍‌ର ଏକ ବଡ଼ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନେଦରଲ୍ୟାଣ୍ଡ ଦଳର ଆରମ୍ଭ ବେଶ୍ ଧିମା ରହିଥିଲା। ପାୱାରପ୍ଲେ ମଧ୍ୟରେ ଦଳ ମାତ୍ର ଗୋଟିଏ ଉଇକେଟ୍ ହରାଇଥିଲା। ୫ମ ଓଭରରେ ଭାରତୀୟ ବୋଲର ନନ୍ଦିନୀ ଶର୍ମା ପ୍ରତିପକ୍ଷ ଓପନର ହେଡର ସିଜର୍ସଙ୍କୁ ଆଉଟ୍ କରି ପ୍ରଥମ ସଫଳତା ଦେଇଥିଲେ। ଏହାପରେ ୮ମ ଓଭରରେ ଦୀପ୍ତି ଶର୍ମା ଅନ୍ୟତମ ଓପନର ଫେବେ ମୋଲକନବୋଆ (୧୫ ରନ୍)ଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ।

ନେଦରଲ୍ୟାଣ୍ଡ ପକ୍ଷରୁ ଅଧିନାୟିକା ବୋବେଟ୍ ଡେ ଲିଡେ ସର୍ବାଧିକ ୨୮ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କ ଉଇକେଟ୍ ମଧ୍ୟ ନନ୍ଦିନୀ ଶର୍ମା ନେଇଥିଲେ। ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଷ୍ଟେରେ ଲରିୟନ କାଲିସ୍ ୧୮ ରନ୍ କରି ଶେଫାଳି ବର୍ମାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ନେଦରଲ୍ୟାଣ୍ଡର କୌଣସି ବି ବ୍ୟାଟର ଦୁଇ ଅଙ୍କ ଛୁଇଁପାରି ନଥିଲେ। ସମ୍ପୂର୍ଣ୍ଣ ଦଳ ୧୭.୩ ଓଭରରେ ମାତ୍ର ୧୧୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ଭାରତୀୟ ବୋଲରଙ୍କ ଘାତକ ବୋଲିଂ ସାମ୍ନାରେ ନେଦରଲ୍ୟାଣ୍ଡର ବ୍ୟାଟିଂ ଲାଇନଅପ୍ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା। ଭାରତ ପକ୍ଷରୁ ଶ୍ରୀ ଚରଣୀ ସବୁଠାରୁ ସଫଳ ବୋଲର ଭାବେ ୪ଟି ଉଇକେଟ୍ ଅଖତିଆର କରିଥିଲେ। ସେହିପରି ବ୍ୟାଟିଂ ପରେ ବୋଲିଂରେ ମଧ୍ୟ କମାଲ କରି ଶେଫାଳି ବର୍ମା ୩ଟି ଉଇକେଟ୍ ଏବଂ ନନ୍ଦିନୀ ଶର୍ମା ୨ଟି ଉଇକେଟ୍ ନେଇ ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପଟେ ଷ୍ଟାର୍ ବୋଲର ଦୀପ୍ତି ଶର୍ମାଙ୍କୁ ଗୋଟିଏ ସଫଳତା ମିଳିଥିଲା।





### ମନ୍ଧାନା ରଚିଲେ ଇତିହାସ

ମୁମ୍ବାଇ,୧୮।୬ : ଆଇସିସି ମହିଳା ବିଶ୍ୱ କପ ୨୦୨୬ରେ ସ୍ମୃତି ମନ୍ଧାନା ଲଗାତର ଦ୍ୱିତୀୟ ଅର୍ଦ୍ଧଶତକ ଯୋଡ଼ିଛନ୍ତି । ପାକିସ୍ତାନ ବିପକ୍ଷରେ ୬୮ରନର ପାଳି ପରେ ବୁଧବାର ସେ ୭୪ରନର ଶାନଦାର୍ ପାଳି ଖେଳିଛନ୍ତି। ନେଦରଲ୍ୟାଣ୍ଡ ବିପକ୍ଷ ଖେଳିଥିବା ଏହି ପାଳିରେ ସେ ୧ ଛକ୍କା ଏବଂ ୧୧ଚୌକା ଲଗାଇଛନ୍ତି । ଏହି ସମୟରେ ସେ ନିଜ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ୬୦୦ଚୌକାର ସଂଖ୍ୟା ବି ଛୁଇଁ ନେଇଛନ୍ତି । ସେ ବିଶ୍ୱର ପ୍ରଥମ କ୍ରିକେଟର(ପୁରୁଷ ଏବଂ ମହିଳା) ଅଟନ୍ତି ଯିଏ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୬୦୦ଚୌକା ଲଗାଇଛନ୍ତି । କେ?ଣସି ପୁରୁଷ କ୍ରିକେଟର ଏବେ ପର୍ଯ୍ୟନ୍ତ ୫୦୦ଚୌକା ବି ଲଗାଇ ପାରିନାହାନ୍ତି ।

ସ୍ମୃତି ମନ୍ଧାନା ଏହି ପାଳିରେ ଟି-୨୦ଅନ୍ତର୍ଜାତୀୟରେ ନିଜର ୬୦୦ଚୌକା ବି ପୂରା କରିଛନ୍ତି । ଏବେ ୧୬୮ମ୍ୟାଚରେ ଖେଳିଥିବା ୧୬୨ପାଳିରେ ସେ ୬୦୪ଚୌକା ଲଗାଇ ସାରିଛନ୍ତି। ଏହି ଫର୍ମାଟରେ ସେ ଭାରତ ଲାଗି ୪୪୭୫ରନ୍ କରିଛନ୍ତି । ଯେଉଁଥିରେ ୧ଶତକ ଏବଂ ୩୫ଅର୍ଦ୍ଧଶତକ ସାମିଲ ଅଛି । ସେ ୮୮ଛକ୍କା ଲଗାଇଛନ୍ତି ।

ପୁରୁଷ କ୍ରିକେଟର ଦ୍ୱାରା ଟି-୨୦ ଅନ୍ତର୍ଜାତୀୟରେ ସବୁଠାରୁ ଅଧିକ ଚୌକା ଲଗାଇବାର ରେକର୍ଡ଼ ପାକିସ୍ତାନର ବାବର ଆଜମଙ୍କ ନାଁରେ ରହିଛି । ଯିଏ ୧୩୬ପାଳିରେ ୪୭୭ଚୌକା ଲଗାଇଛନ୍ତି । ସେ ୫୦୦ର ସଂଖ୍ୟା ଛୁଇଁବା ପାଖାପାଖି ଅଛନ୍ତି । ରୋହିତ ଶର୍ମା ଲିଷ୍ଟରେ ତୃତୀୟ ନମ୍ବରରେ ଅଛନ୍ତି ଏବଂ ବିରାଟ କୋହଲି ୫ମ ସ୍ଥାନରେ । କୋହଲି-ରୋହିତ ଟି-୨୦ଅନ୍ତର୍ଜାତୀୟରୁ ସନ୍ନ୍ୟାସ ନେଇ ସାରିଛନ୍ତି ।

୪୭୭- ବାବର ଆଜମ(ପାକିସ୍ତାନ)
୪୪୯- ପଲ ଷ୍ଟାର୍ଲିଂ(ଆୟରଲାଣ୍ଡ)
୩୮୩- ରୋହିତ ଶର୍ମା(ଭାରତ)
୩୭୩- ଜୋସ ବଟଲର(ଇଂଲଣ୍ଡ)
୩୬୯- ବିରାଟ କୋହଲୀ(ଭାରତ)

### କାହିଁକି ଫ୍ଲପ୍ ହେଲେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ୧୮।୬(ଏଜେନ୍ସି):: ଆଇପିଏଲରେ ହିରୋ, ଇଣ୍ଡିଆ-ଏ ଟିମରେ ଫ୍ଲପ । ଯେଉଁ ଯୁବ କ୍ରିକେଟରଙ୍କ ଉପରେ ରହିଥିଲା ସମସ୍ତଙ୍କ ଭରସା ଶେଷରେ ସେ ନିରାଶ କରିଛନ୍ତି । ବୈଭବ ସୂର୍ଯ୍ୟବଂଶୀ ଶ୍ରୀଲଙ୍କାରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ସିରିଜରେ କିନ୍ତୁ ଯେଉଁ ଆଶା ରଖାଯାଇଥିଲା ତାହା ପୂରଣ କରିପାରିନାହାନ୍ତି । ଆଇପିଏଲରେ ୭୭୬ ରନ କରି ଅରେଞ୍ଜ କ୍ୟାପ୍ ଜିତିଥିବା ବୈଭବ କିନ୍ତୁ ତ୍ରିରାଷ୍ଟ୍ରୀୟ ସିରିଜରେ ୪ ମ୍ୟାଚରେ ମାତ୍ର ୧୧୭ ରନ କରିବାରେ ସକ୍ଷମ ହୋଇଛନ୍ତି । ତେବେ ବୈଭବ ଫ୍ଲପ୍ ହେବା ପଛର ମୁଖ୍ୟ କାରଣ କ'ଣ ବୈଭବ ଚଳିତ ଆଇପିଏଲରେ ଦମଦାର ପ୍ରଦର୍ଶନ କରିବା ସହ ବଡ଼ ସ୍କୋର କରିବାରେ ସଫଳ ହୋଇଥିଲେ । ମାତ୍ର ଶ୍ରୀଲଙ୍କାରେ ଖେଳାଯାଇଥିବା ୪ଟି ମ୍ୟାଚରେ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ୧୪ ରନ୍ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ୪୪ ରନ୍ କରିଥିଲେ। ଏହାସହ ତୃତୀୟ ମ୍ୟାଚରେ ଶ୍ରୀଲଙ୍କା ବିପକ୍ଷରେ ୨୧ ରନ୍ କରିଥିବାବେଳେ ଚତୁର୍ଥ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ୩୮ ରନ ରନ କରିଛନ୍ତି । ବୈଭବ ୪ ମ୍ୟାଚରେ ଗୋଟିଏ ମଧ୍ୟ ଅର୍ଦ୍ଧଶତକ ହାସଲ କରିପାରିନାହାନ୍ତି । ତେବେ ବୈଭବ ଫ୍ଲପ୍ ହେବା ପଛର ବଡ଼ କାରଣ ହେଉଛି ଦ୍ରୁତଗତିରେ ସ୍କୋର କରିବାର ଲକ୍ଷ୍ୟ । ବୈଭବ ସବୁବେଳେ ଆକ୍ରମଣାତ୍ମକ ଢ଼ଙ୍ଗରେ ବ୍ୟାଟିଂ କରନ୍ତି । ଯାହାକି ତାଙ୍କୁ ଅଡୁଆରେ ପକାଇଥାଏ । ଏବଂ ଶୀଘ୍ର ଆଉଟ୍ ହୋଇ ପାଭିଲିୟନ ଫେରିଛନ୍ତି । ଆଫଗାନିସ୍ତାନ-ଏ ବିପକ୍ଷରୁ ଦ୍ୱିତୀୟ ମ୍ୟାଚରେ ୨ଟି ଜୀବନଦାନ ପାଇବା ପରେ ମଧ୍ୟ ସଟ ବଲରେ ଆଉଟ୍ ହୋଇଥିଲେ ବୈଭବ । ସେ ସବୁ ବଲରୁ ବଡ଼ ସଟ୍ ଖେଳିବାର ଲକ୍ଷ୍ୟ ରଖୁଥିବାବେଳେ ଏହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ସବୁଠାରୁ ବଡ଼ କଥା ହେଉଛି କି, ବୈଭବ ଏଯାବତ ଟି-୨୦ ଫର୍ମାଟରୁ ବାହାରି ନାହାନ୍ତି । ସେ ସବୁ ମ୍ୟାଚକୁ ଟି-୨୦ ଭଳି ଖେଳିବା ଭଳି ମନେ କରୁଛନ୍ତି। ଦିନିକିଆରେ ମଧ୍ୟ ଆରମ୍ଭରୁ ବଡ଼ ବଡ଼ ସଟ୍ ଖେଳିବା ଆରମ୍ଭ କରୁଛନ୍ତି ।


# ଫିଫା ବିଶ୍ୱକପ୍ ୨୦୨୬: କଙ୍ଗୋ ବିପକ୍ଷରେ ପର୍ତ୍ତୁଗାଲ ପରାସ୍ତ

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ପର୍ତ୍ତୁଗାଲ ଫିଫା ବିଶ୍ୱକପ୍ ୨୦୨୬ ପାଇଁ ଏକ ନିରାଶାଜନକ ଆରମ୍ଭ କରିଛି। ଏକ ମହାଶକ୍ତି କୁହାଯାଉଥିବା ପର୍ତ୍ତୁଗାଲ ଗ୍ରୁପର ସବୁଠାରୁ ସହଜ ମ୍ୟାଚ୍ କୁହାଯାଉଥିବା ମ୍ୟାଚ୍‌ରେ ପରାସ୍ତ ହୋଇଛି। ୫୨ ବର୍ଷ ପରେ ଫିଫା ବିଶ୍ୱକପ୍‌କୁ ଫେରିବା ପରେ କଙ୍ଗୋ ଡିଆରର ଖେଳାଳିମାନେ

**ରୋନାଲ୍‌ଡୋଙ୍କ ଆରମ୍ଭ ନୈରାଶ୍ୟଜନକ**

ଉତ୍କୃଷ୍ଟ ପ୍ରତିରକ୍ଷା ଖେଳ ପ୍ରଦର୍ଶନ କରିଥିଲେ, ଯାହା ଫଳରେ ପର୍ତ୍ତୁଗାଲ ସାରା ମ୍ୟାଚ୍‌ରେ କେବଳ ଗୋଟିଏ ଗୋଲ କରିପାରିଥିଲା। ଏହି ମ୍ୟାଚ୍‌ରେ ପର୍ତ୍ତୁଗାଲ ଦ୍ୱିତୀୟ ଗୋଲ ଖୋଜିବାକୁ ସର୍ବୋତ୍ତମ ଚେଷ୍ଟା କରିଥିଲେ। କିନ୍ତୁ ବିଫଳ ହୋଇଥିଲେ। ପର୍ତ୍ତୁଗାଲ ମ୍ୟାଚ୍‌ର ୭୫ ପ୍ରତିଶତ ସମୟ ପାଇଁ ଦଖଲ ବଜାୟ ରଖିଥିଲା। କିନ୍ତୁ ସଟ୍ ପାଇଁ ସେମାନେ କଙ୍ଗୋଠାରୁ ପଛରେ ପଡ଼ି ଯାଇଥିଲେ।

କଙ୍ଗୋ ପର୍ତ୍ତୁଗାଲ ଅପେକ୍ଷା ଅଧିକ ସଟ୍ ମାରିଥିଲେ ଏବଂ ସ୍କୋରିଂର ଆହୁରି ନିକଟତର ହୋଇଥିଲେ। ମ୍ୟାଚ୍‌ରେ ସବୁଠାରୁ ବଡ଼ ନିରାଶା ଥିଲା ଷ୍ଟାର ଆକ୍ରମଣକାରୀ ରୋନାଲ୍‌ଡୋ। ପର୍ତ୍ତୁଗାଲର ଖେଳାଳିମାନେ ଅନେକ ଭଲ ସୁଯୋଗ ସୃଷ୍ଟି କରିଥିଲେ। କିନ୍ତୁ ଷ୍ଟ୍ରାଇକର ଭାବରେ ଖେଳୁଥିବା ରୋନାଲ୍‌ଡୋ ସେମାନଙ୍କ ମଧ୍ୟରୁ କୌଣସିଟିରେ ବଲ୍ ନେଟରେ ପକାଇ ପାରି ନଥିଲେ। ଏହା ପୂର୍ବରୁ ପର୍ତ୍ତୁଗାଲ ମ୍ୟାଚ୍‌ର ଏକ ଦୃଢ଼ ଆରମ୍ଭ କରିଥିଲା। ମାତ୍ର ଷଷ୍ଠ ମିନିଟରେ, ଜୋଆଓ ନେଭେସ୍ ଏକ ଚମତ୍କାର ହେଡର କରିଥିଲେ।



ମନେ ହେଉଥିଲା ଯେ ଅନ୍ୟ ପ୍ରମୁଖ ଦଳଗୁଡ଼ିକ ପରି ପର୍ତ୍ତୁଗାଲ ମଧ୍ୟ କଙ୍ଗୋକୁ ପରାସ୍ତ କରିବ। କିନ୍ତୁ ଏହି ଗୋଲ ପରେ କଙ୍ଗୋ ସେମାନଙ୍କୁ ଦ୍ୱିତୀୟ ସୁଯୋଗ ଦେଇ ନଥିଲା। ପର୍ତ୍ତୁଗାଲ ଦ୍ୱିତୀୟ ଗୋଲ ଖୋଜିବା ଜାରି ରଖିଥିଲା ଏବଂ ପ୍ରଥମାର୍ଦ୍ଧରେ, ୟୋଆନେ ୱିସା ଏକ ଶକ୍ତିଶାଳୀ ହେଡର ସାହାଯ୍ୟରେ ସ୍କୋରକୁ ୧-୧ରେ ସମାନ କରିଥିଲେ।

୪୫ତମ ମିନିଟରେ ଏହି ଗୋଲ ପାଇଁ ୱିସା ପ୍ରଶଂସାର ପାତ୍ର ଥିଲେ ମଧ୍ୟ, ପର୍ତ୍ତୁଗାଲର ଦୁର୍ବଳ ପ୍ରତିରକ୍ଷାକୁ ମଧ୍ୟ ସମାଲୋଚନା କରାଯିବା ଉଚିତ। ପଡ଼ିଆର ସବୁଠାରୁ କ୍ଷୁଦ୍ର ଖେଳାଳିମାନଙ୍କ ମଧ୍ୟରୁ ଜଣେ, ୱିସାଙ୍କ ସମ୍ମୁଖରେ କୌଣସି ଡିଫେଣ୍ଡର ନଥିଲେ ଏବଂ ସମଗ୍ର ପର୍ତ୍ତୁଗାଲ ପ୍ରତିରକ୍ଷା ତାଙ୍କୁ କର୍ଣ୍ଣରରେ ଏକା ଛାଡି ଦେଇଥିଲା। ଶେଷରେ ସମସ୍ତ ପ୍ରୟାସ ସତ୍ତ୍ୱେ ପର୍ତ୍ତୁଗାଲ ମ୍ୟାଚ୍‌ର ଦ୍ୱିତୀୟ ଗୋଲ କରିବାରେ ବିଫଳ ହୋଇଥିଲା। ଏହି ବିଜୟ ସହିତ କଙ୍ଗୋ ଯଦିଓ ଅସ୍ଥାୟୀ ଭାବରେ ପର୍ତ୍ତୁଗାଲ ଏବଂ କଲମ୍ବିଆକୁ ଅନ୍ତର୍ଭୁକ୍ତ କରୁଥିବା ଗ୍ରୁପରେ ଶୀର୍ଷ ସ୍ଥାନ ଅଧିକାର କରିଛି।

# ହକି: ଉରୁଗୁଏକୁ ପରାସ୍ତ କରି ସେମିଫାଇନାଲରେ ଭାରତୀୟ ମହିଳା ଟିମ୍

ନୂଆଦିଲ୍ଲୀ୧୮।୬(ଏଜେନ୍ସି):: ଭାରତୀୟ ମହିଳା ହକି ଦଳ ମହିଳା ଏଫ୍‌ଆଇଏଚ୍ ନେସନ୍ସ କପ୍ ୨୦୨୬ରେ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ଜାରି ରଖି ଶେଷ ପୁଲ୍ ମ୍ୟାଚ୍‌ରେ ଉରୁଗୁଏକୁ ୩-୨ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ବିଜୟ ସହିତ ଭାରତୀୟ ଦଳ ସେମାନଙ୍କ ଗ୍ରୁପ୍‌ରେ ଶୀର୍ଷରେ ପହଞ୍ଚି ଟାଇଟଲ୍ ଆଡକୁ ଏକ ଦୃଢ଼ ପଦକ୍ଷେପ ନେଇଛି। ଦୀପିକା ମ୍ୟାଚ୍‌ର ଷ୍ଟାର ଖେଳାଳି ଥିଲେ। ସେ ଦୁଇଟି ଗୋଲ ସ୍କୋର କରି ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।ପ୍ରଥମ କ୍ୱାର୍ଟରରେ ଟିମ୍ ଇଣ୍ଡିଆ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଉରୁଗୁଏ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୧୩ ମିନିଟରେ ଗୋଲ ଦେଇ ୧-୦ରେ ଆଗୁଆ ହୋଇଥିଲା। ପ୍ରାରମ୍ଭିକ ଗୋଲ ପରେ ଭାରତୀୟ ଦଳ ଉପରେ ଚାପ ବୃଦ୍ଧି ପାଇଥିଲା। କିନ୍ତୁ ଖେଳାଳିମାନେ ସେମାନଙ୍କର ସ୍ଥିରତା ବଜାୟ ରଖି ଆକ୍ରମଣ ଜାରି ରଖିଥିଲେ।ଦ୍ୱିତୀୟ କ୍ୱାର୍ଟରରେ ଭାରତକୁ ସମାନ କରିବାର ସୁଯୋଗ ମିଳିଥିଲା। ଦଳର ପ୍ରମୁଖ ଫରୱାର୍ଡ ଦୀପିକା ୨୪ ମିନିଟରେ ଏକ ଚମତ୍କାର ଗୋଲ ସ୍କୋର କରି ସ୍କୋରକୁ ୧-୧ରେ ସମାନ କରିଥିଲେ। ଏହି ଗୋଲ ଭାରତୀୟ ଖେଳାଳିଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିଥିଲା ଏବଂ ଦଳ ମ୍ୟାଚ୍‌ରେ ନିଜର କବ୍ଜାକୁ ମଜବୁତ କରିବାକୁ ଆରମ୍ଭ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଆଗୁଆ ହୋଇଥିଲା। ଦୀପିକା ସୋରେଙ୍ଗ ୪୩ତମ ମିନିଟରେ ଏକ ଚମତ୍କାର ପଦକ୍ଷେପକୁ ଗୋଲରେ ପରିଣତ କରି ଦଳକୁ ୨-୧ରେ ଆଗୁଆ କରିଥିଲେ। ଏହା ପରେ ଭାରତୀୟ ଦଳ ଚାପ ପ୍ରୟୋଗ କରିଚାଲିଥିଲା ଏବଂ ଉରୁଗୁଏକୁ ଅଧିକ ସୁଯୋଗ ଦେଇନଥିଲା। ତଥାପି, ଚତୁର୍ଥ ଏବଂ ଶେଷ କ୍ୱାର୍ଟରରେ ମ୍ୟାଚ୍ ପୁଣି ରୋମାଞ୍ଚକର ହୋଇଉଠିଥିଲା। ୫୫ତମ ମିନିଟରେ ଉରୁଗୁଏର ଭିଲାର ମାନୁଏଲା ସ୍କୋରକୁ ୨-୨ରେ ସମାନ କରିଥିଲେ। ଏହା ଦେଖାଯାଉଥିଲା ଯେ ମ୍ୟାଚ୍ ଡ୍ର ଆଡକୁ ଗତି କରିପାରେ।

ଭାରତର ଷ୍ଟାର ଖେଳାଳି ଦୀପିକା ପୁଣି ଥରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଉରୁଗୁଏର ସମାନୀକରଣର ମାତ୍ର ଗୋଟିଏ ମିନିଟ୍ ପରେ, ଦୀପିକା ଏକ ଚମତ୍କାର ଗୋଲ ଦେଇ ଭାରତକୁ ୩-୨ରେ ଆଗୁଆ କରିଥିଲେ। ଶେଷ ମିନିଟରେ, ଭାରତୀୟ ଦଳ ଦୃଢ଼ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା ଏବଂ ଉରୁଗୁଏକୁ ପ୍ରତ୍ୟାବର୍ତ୍ତନ କରିବାର କୌଣସି ସୁଯୋଗ ଦେଇନଥିଲା। ଭାରତ ନିୟମିତ ସମୟ ଶେଷ ପର୍ଯ୍ୟନ୍ତ ତାର ଅଗ୍ରଣୀ ବଜାୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲା। ଏହି ବିଜୟ ସହିତ, ଭାରତୀୟ ମହିଳା ହକି ଦଳ ଶୀର୍ଷ ସ୍ଥାନରେ ଗ୍ରୁପ ପର୍ଯ୍ୟାୟ ଶେଷ କରିଛି। ଦଳର ଆତ୍ମବିଶ୍ୱାସ ବହୁତ ଉଚ୍ଚ ଏବଂ ବର୍ତ୍ତମାନ ଏହାର ଧ୍ୟାନ ସେମିଫାଇନାଲ ଜିତି ଫାଇନାଲରେ ପ୍ରବେଶ କରିବା ଉପରେ ରହିବ।



### ମୁମ୍ବାଇ ଦଳ ଛାଡ଼ିବେ ସୂର୍ଯ୍ୟକୁମାର !

ନୂଆଦିଲ୍ଲୀ: ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ ସୂର୍ଯ୍ୟକୁମାର ଯାଦବ । ଏହି ଅଭିଜ୍ଞ ବ୍ୟାଟ୍ସମ୍ୟାନଙ୍କ ହେବ ଘର ବାହୁଡ଼ା । ଏହାସହ ଅଧିନାୟକ ଦାୟିତ୍ୱ ତୁଲାଇବେ ସ୍କାଏ । ଏମିତି ଏକ ଭବିଷ୍ୟବାଣୀ କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ରବିନ ଉଥପ୍ପା । ତେବେ ସୂର୍ଯ୍ୟ କୋଲକାତା ଦଳର ଅଧିନାୟକ ପଦ ସମ୍ଭାଳିବେ ବୋଲି କହିଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି ।

ସୂର୍ଯ୍ୟ କୁମାରଙ୍କ କ୍ୟାରିୟର ଉତଥାପ-ପତନ ମଧ୍ୟରେ ଗତି କରୁଥିବାବେଳେ ଏକ ୟୁଟ୍ୟୁବ ଚ୍ୟାନେଲରେ ଇଣ୍ଟରଭିୟୁ ସମୟରେ ଉଥପ୍ପା କହିଥିଲେ କି, ଆଗକୁ ସୂର୍ଯ୍ୟଙ୍କୁ ନେଇ ଏକ ବଡ଼ ପରିବର୍ତ୍ତନ ହୋଇପାରେ । ବର୍ତ୍ତମାନ ପରିସ୍ଥିତିକୁ ଯଦି ଦେଖିବା ତାହେଲେ ସୂର୍ଯ୍ୟ କୋଲକାତାକୁ ଯିବା ସମ୍ଭବ । କେକେଆରକୁ ଜଣେ ଅଭିଜ୍ଞ ଅଧିନାୟକଙ୍କ ଆବଶ୍ୟକତା ରହିଥିବାବେଳେ ସୂର୍ଯ୍ୟ ଏହା ପୂରଣ କରିବେ । ଏହାସହ ଉଥପ୍ପା କହିଛନ୍ତି ୨୦୨୭ ବିଶ୍ୱକପ ପରେ ଗମ୍ଭୀରଙ୍କ କାର୍ଯ୍ୟକାଳ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ କାର୍ଯ୍ୟ ସରିବ । ଏହାପରେ ପୁଣି କୋଲକାତା ନାଇଟ ରାଇଡର୍ସ ସହ ଯୋଡ଼ି ହେବେ ଗମ୍ଭୀର । ଗମ୍ଭୀର କୋଚ ଭାବେ ଦାୟିତ୍ୱ ତୁଲାଇବେ ଏବଂ ସୂର୍ଯ୍ୟଙ୍କୁ ଅଧିନାୟକ କରିବେ ।ଉଥପ୍ପା କହିଛନ୍ତି କି, କେକେଆର ସହ ଗମ୍ଭୀରଙ୍କ ଦୀର୍ଘକାଳୀନ ସମ୍ପର୍କ ରହିଛି । ତାଙ୍କ ଅଧିନାୟକତ୍ୱରେ ୨ଥର ଏବଂ ପରାମର୍ଶଦାତା ଥିବାବେଳେ ଦଳ ଟ୍ରଫି ହାତେଇଛି । ଏଣୁ ସେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ସରିବା ପରେ ନିଶ୍ଚିତ ଭାବେ କୋଲକାତା ସହ ଯୋଡ଼ିହେବେ । କୋଚ ନହେଲେ ମଧ୍ୟ ପରାମର୍ଶଦାତା ଭାବେ ଯୋଗଦେବେ । ୨୦୧୪-୨୦୧୭ ଗମ୍ଭୀରଙ୍କ ଅଧିନାୟକତ୍ୱରେ ସୂର୍ଯ୍ୟ ଖେଳିଛନ୍ତି । ଏହାସହ କୋଲକାତାରେ ଥିବାବେଳେ ଜଣେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଦାୟିତ୍ୱ ତୁଲାଇଛନ୍ତି । ଏଣୁ ଗମ୍ଭୀରଙ୍କ ସହ କୋଲକାତାକୁ ଫେରିବେ ସୂର୍ଯ୍ୟ । ତେବେ ଏନେଇ ଉଭୟଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ । ସେପଟେ କିଛିଦିନ ତଳେ ମୁମ୍ବାଇ ଇଣ୍ଡିଆନ୍ସକୁ ଅନଫଲୋ କରିଥିଲେ ସୂର୍ଯ୍ୟ । ଯାହାକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା । ଯଦିଓ ପରେ ସେ ପୁଣି ଫଲୋ କରିଥିଲେ ତଥାପି ମୁମ୍ବାଇ ଛାଡ଼ି ପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଏପଟେ ଟିମ୍ ଇଣ୍ଡିଆ ଟି-୨୦ ଅଧିନାୟକ ପଦରୁ ହଟିଛନ୍ତି ସୂର୍ଯ୍ୟ । ସେ ଖରାପ ଫର୍ମ ଦେଇ ଗତି କରୁଛନ୍ତି । ତଥାପି ତାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ଜିତିଥିଲା । କିନ୍ତୁ ଏବେ ଦଳରେ ତାଙ୍କୁ ସ୍ଥାନ ମିଳିନାହିଁ ।

## ଖଣ୍ଡିତର ସର୍ବଭାରତୀୟ କବାଡି: ରାଜନନ୍ଦଗାଓଁ ମହିଳା, ରୋହତକ୍ ପୁରୁଷ ବିଜେତା

ରସୁଲପୁର,୧୮।୬: ଯାଜପୁରଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତରଠାରେ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତାର ପୁରୁଷ ବିଭାଗରେ ରୋହତକ୍ ବିଜେତା ହୋଇଥିବା ବେଳେ ମହିଳା ବିଭାଗରେ ରାଜନନ୍ଦଗାଓଁ ଟ୍ରଫି ଜିତିଛି। ପୁରୁଷବର୍ଗର ପ୍ରଥମ ସେମିଫାଇନାଲ୍‌ରେ ଜବଲପୁର ୪୫-୨୯ରେ ବିଳାସପୁରକୁ ହରାଇ ଫାଇନାଲ୍‌କୁ ଯାଇଥିଲା। ସେହିଭଳି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲରେ ରୋହତକ ଗୋଲଡେନ୍ ରେଡ୍ ଜରିଆରେ ନାଗପୁରକୁ ପରାସ୍ତ କରି ଫାଇନାଲକୁ ଯାଇଥିଲା। ଗ୍ରାଣ୍ଡ ଫାଇନାଲ୍‌ରେ ରୋହତକ ୩୯-୨୨ରେ ଜବଲପୁରକୁ ବିଜେତା ଆଖ୍ୟା ଅର୍ଜନ କରିଥିଲା। ସେହିଭଳି ମହିଳାବର୍ଗ ଫାଇନାଲରେ ରାଜନନ୍ଦଗାଓଁ, ପି ଏକାଡେମୀକୁ ମାତ୍ର ୧ ପଏଣ୍ଟ୍ ବ୍ୟବଧାନ(୨୯-୨୮)ରେ ହରାଇ ବିଜେତା ହୋଇଥିଲା। ରାଜନନ୍ଦଗାଓଁର ଛାୟା ଚନ୍ଦ୍ରବଂଶୀ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ଭାବେ ବିବେଚିତ ହୋଇଥିବା ବେଳେ ରୋହତକ୍‌ର ସୋମବୀର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ପାଇଥିଲେ। ଆୟୋଜକ ଯାଜପୁର କବାଡି ଆସୋସିଏସନ ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜେତା ରୋହତକ ଦଳମ୍‌କୁ ନଗଦ ୨ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଜବଲପୁର ଦଳକୁ ୧ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ସେମିଫାଇନାଲିଷ୍ଟ ନାଗପୁର ଓ ବିଳାସପୁରକୁ ୪୦ହଜାର ଟଙ୍କା ଲେଖାଏଁ ପୁରସ୍କାର ମିଳିଥିଲା। ମହିଳାବର୍ଗ ବିଜେତା ରାଜନନ୍ଦଗାଓଁ ଦଳକୁ ନଗଦ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ପି ଏକାଡେମୀ ଦଳକୁ ୩୦ ହଜାର ସହ ଟ୍ରଫି ମିଳିଥିଲା। ସେମିଫାଇନାଲିଷ୍ଟ କିଟ୍ ବିଶ୍ୱବିଦ୍ୟାଳୟ ଓ ରାୟପୁର ଦଳକୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ମିଳିଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ